## ସଂକ୍ଷେପରେ

### ଚୋରା ମଦ ବେପାରୀ ଗିରଫ

ବନ୍ତ, ୨୧।୧(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଦୋଳପଦୀ ଗ୍ରାମର ବୁଟୁ ମୁଣ୍ଡା ନାମକ ବ୍ୟକ୍ତି ଦେଶୀ ମଦ ବିକ୍ରି ଅଭିଯୋଗରେ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ରବିବାର ବନ୍ତ ଥାନାର ଦୁଇଜଣ କନଷ୍ଟେବଳ ପଧାନପଡା, ଦୋଳପଦୀ, ବିଞ୍ଝା ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ବୁଟୁ ଏକ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ କିଛି ଜିନିଷ ନେଇଯାଉଥିଲେ। ସନ୍ଦେହରେ ପୋଲିସ ତାଙ୍କୁ ଅଟକାଇ ତନଖି କରିବା ପରେ ବ୍ୟାଗ ଭିତରୁ ୫ ଲିଟର ଦେଶୀ ମଦ ବାହାରିଥିଲା । ସେ ଏନେଇ କୌଣସି କାଗଜପତ୍ର ଦେଖାଇ ପାରି ନ ଥିବାରୁ ପୋଲିସ ମଦକୁ ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏନେଇ ପୋଲିସ ଏକ ମାମଲା(ନଂ. ୭/୨୦) ରୁଜୁ କରିଛି।

### ଗଞ୍ଜେଇ ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ

ବନ୍ତ,୨୧।୧(ସ୍ୱ.ପ୍ର.): ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବୋଡ଼କ ପାଟଣା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଚୋରା ଗଞ୍ଜେଇ ବେପାର କରୁଥିବା ଅଭିଯୋଗରେ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉମାକାନ୍ତ ବାରିକ। ସେ ଗଞ୍ଜେଇ ବେପାର କରୁଥିବା ସମ୍ପର୍କରେ ଖବର ପାଇ ରବିବାର ରାତିରେ ଆଗରପଡା ପୋଲିସ ତାଙ୍କ ଘରେ ଚଢ଼ାଉ କରି ୧ କିଲୋ ଗଞ୍ଜେଇ ଜବତ କରିଥିଲା। ଏନେଇ ଥାନାଧିକାରୀ ମୋନାଲିସା କରଙ୍କ ଅଭିଯୋଗ କ୍ରମେ ଏକ ମାମଲା(ନଂ.୧୨/୨୦) ରୁଜୁ ହୋଇଛି।

### ବାଳିକା ଆତ୍ମରକ୍ଷା ଶିବିର

ଭଣ୍ଡାରିପୋଖରୀ, ୨୧।୧(ଡି.ଏନ.ଏ.)- ବାରିକପୁର ଡିଗ୍ରୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ରୂପେ ବହୁଦରଡ଼ା ଆର୍ଯ୍ୟୁବେଦ କେନ୍ଦ୍ରର ଡ. ଅନୀଲ କୁମାର ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୨୦ଜଣ ବାଳିକା ଅଂଶଗ୍ରହଣ କରିବେ। ୧୨ ଦିନ ଧରି ଏହି ଶିବିର ଚାଲିବ। ଆତ୍ମରକ୍ଷା ଶିବିର ସଂଯୋଜକ ଅଧାପକ ଉମାକାନ୍ତ ମହାଳିକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଶ୍ରଦ୍ଧା ସୁମନ ମହାରଣା ଓ ପ୍ରୀତିରାଣୀ ମହାପାତ୍ର ବାଳିକାମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରିବେ। ଶିବିରକୁ ଅଧାପିକା କିରଣବାଳା ଦେଓ, ଅନୁପମା ତ୍ରିପାଠୀ, ରୀତାଞ୍ଜଳି ପାରମାଣିକ, ରେଖା ବେହୁରିଆ, ଅଧାପକ ସନ୍ତୋଷ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

### ୨୭ରୁ ଜିଲାସ୍ତରୀୟ ରେଡକ୍ରସ୍ ପ୍ରଶିକ୍ଷଣ ଶିବିର

ପଦ୍ମପୁର, ୨୧।୧(ଡି.ଏନ୍.ଏ.)- ଭଦ୍ରକ ବ୍ଲକ ଅଧୀନ ସାହାଡ଼ା ଲାଲାଜୀ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ରେଡକ୍ରସ ପ୍ରଶିକ୍ଷଣ ଶିବିର ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ପ୍ରଧାନଶିକ୍ଷକ ବାଦଲ କୁମାର ମହାପାତ୍ରଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ବାସୁଦେବପୁର ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଚଣ୍ଡିଗାଁ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ମାଝୀ, ଏସ୍‌ଭିଏମ୍ ଗରଦପୁର ସତ୍ୟାନନ୍ଦ ମହାପାତ୍ର, ବେତଡ଼ା ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା, ନରେନ୍ଦ୍ର ପ୍ରସାଦ ସାହୁ, ଜୁନିୟର ରେଡକ୍ରସ ଅଫିସର୍ ପ୍ରମୁଖ ଯୋଗ ଦେଇଥିଲେ।

### ବାର୍ଷିକ କ୍ରୀଡ଼ାରେ ଭାଗ ନେଲେ ୨୦୦ ଛାତ୍ରୀଛାତ୍ର

ପଦ୍ମପୁର,୨୧।୧(ଡି.ଏନ୍.ଏ.)- ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ସାବରଙ୍ଗ ସରପଞ୍ଚ ରଞ୍ଜିତା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ୧୨ଟି ବିଭାଗରେ ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅବନ୍ତୀ ପୁହାଣ, ଖେଳଶିକ୍ଷକ ସବିତା ପରିଡ଼ା, ପରିଚାଳନା କମିଟି ସଭାପତି ଜିତେନ୍ଦ୍ର କୁମାର ନାୟକ, ଶିକ୍ଷକ ରବୀନ୍ଦ୍ର କୁମାର ପାଢ଼ୀ, ନିଶାକର ପାଣିଗ୍ରାହୀ, ଶୁଭଶ୍ରୀ ମିଶ୍ର ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

# ୪ଶହ ଏକର ଚାଷଜମିରେ ପଶୁଛି ପାଣି

ବନ୍ତ, ୨୧।୧(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ବଡବର୍ଚ୍ଛିକୟାଁ ଉତ୍ତର ପାର୍ଶ୍ୱସ୍ଥ ବିଶଲକଣା, କୁସୁନନଗର ଆଦି ଅଞ୍ଚଳରୁ ଜଳ ନିଷ୍କାସନ ହେବାକୁ ଥିବା ମୁଖ୍ୟ ନାଳକୁ ମରାମତି କରାଯାଉ ନ ଥିବାରୁ ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ବଡବର୍ଚ୍ଛିକୟାଁ, ଜୟସିଂହପୁର ଓ କୁସୁନନଗର ଆଦି ଗ୍ରାମର ପ୍ରାୟ ୪୦୦ ଏକର ଚାଷଜମିରେ ପାଣି ପଶି ଫସଲ ନଷ୍ଟ ହେଉଥିବା ଚାଷୀମାନେ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଗତ ୨୦ବର୍ଷ ତଳେ ଭଦ୍ରକ କାଡା ଡିଭିଜନ ପକ୍ଷରୁ ଉପରୋକ୍ତ ଗ୍ରାମର ଚାଷଜମି ମଧ୍ୟ ଦେଇ ଏକ ନାଳ ନିର୍ମାଣ କରାଯାଇଥିଲା । ଏହି ନାଳର ଦୈର୍ଘ୍ୟ ପ୍ରାୟ ୭କି.ମି. ହେବ। ଏହି ନାଳ ଆନନ୍ଦପୁର ବ୍ୟାରେଜ୍ ଡିଭିଜନ୍, ସୋସୋ ବ୍ରାଞ୍ଚ୍ କେନାଲ ଆପ୍ତିରା ଗ୍ରାମଠାରୁ ବାହାରି ଭଦ୍ରକ-ଆଗରପଡ଼ା ପିଡବ୍ଲ୍ୟୁଡି ରାସ୍ତାକୁ ବିଶଲକଣା ଗ୍ରାମଠାରେ ଅତିକ୍ରମ କରି ବଡବର୍ଚ୍ଛିକୟାଁ, ଜୟସିଂହପୁର, କୁସୁନନଗର ଗ୍ରାମଦେଇ କାଉପୁର ପଞ୍ଚାୟତ ସାଳନ୍ଦୀ ନଦୀରେ ମିଶିଛି ।

**୨୦ବର୍ଷ ହେଲା ମରାମତି ହୋଇନି ନାଳ**



ବିଶଲକଣା, କୁସୁନ ନଗର ମୁଖ୍ୟ ପାଣି ନିଷ୍କାସନ ନାଳ।

ପ୍ରତ୍ୟେକ ବର୍ଷ ବର୍ଷାଦିନେ ଏହି ନାଳ ଯୋଗୁ ୪ଶହ ଏକର ଚାଷ ଜମିର ଧାନ ଫସଲ ନଷ୍ଟ ହୋଇଥାଏ । ବହୁ ଚାଷ ଜମି ପଡିଆ ପଡିଥାଏ। ବର୍ଷାଦିନେ ଆଗରପଡ଼ାଠାରୁ ୪ କି.ମି. ଏରିଆର ବର୍ଷା ଜଳ ଏହି ନିଷ୍କାସନ ନାଳ ଦେଇ ନିଷ୍କାସିତ ହୋଇଥାଏ । ଫଳରେ ନାଳର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମି କ୍ଷତିଗ୍ରସ୍ତ ହୋଇଥାଏ । ଆଗରପଡ଼ା-ଭଦ୍ରକ ପିଡବ୍ଲ୍ୟୁଡି ରାସ୍ତାର ବିଶଲକଣା ଗ୍ରାମଠାରେ ରାସ୍ତାର ଉଭୟ ପାର୍ଶ୍ୱରେ କେତେକ ଗ୍ରାମବାସୀ ସଡକର ନୟନଯୋରିରେ ମାଟି ପକାଇ ଘର କରିବା ଦ୍ୱାରା ନୟନଯୋରି ତଳକୁ ପାଣି ନିଷ୍କାସିତ ନ ହୋଇ ସମସ୍ତ ବର୍ଷା ଜଳ ଏହି ନାଳରେ ଯାଇ ସାଳନ୍ଦୀ ନଦୀରେ ମିଶି ଥାଏ । ଫଳରେ ଏହି ନାଳର ଆଡିବନ୍ଧ ପାଣିରେ ବୁଡ଼ି ଚାଷ ଜମିରେ ପଶିଥାଏ । ଚାଷ ଜମିରେ ଏତେ ଅଧିକ ପାଣି ହୁଏ ଯେ, ଚାଷ କରିବା ସମ୍ଭବ ହୁଏ ନାହିଁ । ପ୍ରତ୍ୟେକ ବର୍ଷ ଚାଷ ଜମିରେ ଦୁଇରୁ ତିନି ଥର ଧାନ ରୁଆଯାଇଥାଏ। ଅଧିକାଂଶ ଚାଷ ଜମିକୁ ଚାଷୀମାନେ ବାଧହୋଇ ପଡିଆ ରଖିଥାନ୍ତି । ଏହି ନାଳ ଦୀର୍ଘ ୨୦ବର୍ଷ ହେବ ମରାମତି କରାଯାଉ ନ ଥିବାରୁ ନାଳର ଦୁଇ ପାର୍ଶ୍ୱ ଆଡିବନ୍ଧ ଓ ପାଦଚଲା ପୋଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ବର୍ଷାଦିନେ ଏହି ନାଳ ପାର ହେବା ପାଇଁ ଲୋକମାନେ ସମସ୍ୟାରେ ପଡୁଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଆଗରପଡ଼ା-ଭଦ୍ରକ ପିଡବ୍ଲ୍ୟୁଡି ରାସ୍ତାର ବିଶଲକଣାଠାରେ ନୟନଯୋରିକୁ ସଫା କରିବା ସହ ଭଦ୍ରକ କାଡା ଡିଭିଜନ ପକ୍ଷରୁ ଉକ୍ତ ନାଳକୁ ପୁନଃ ମରାମତି କରାଇବାକୁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଭଦ୍ରକ କାଡା ବିଭାଗର କନିଷ୍ଠଯନ୍ତ୍ରୀ ବରେନ୍ଦ୍ର କୁମାର ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଛନ୍ତି ଯେ, ଖୁବ୍‌ଶୀଘ୍ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ପଦକ୍ଷେପ ନେବେ।

### ମୋବାଇଲ ଚୋରଙ୍କୁ ପୋଲିସ ଜିମା

ବନ୍ତ, ୨୧।୧(ଡି.ଏନ.ଏ.)- ଭଦ୍ରକ ଜିଲା ବନ୍ତ ସାପ୍ତାହିକ ହାଟଠାରେ ଜଣେ ମୋବାଇଲ ଚୋରଙ୍କୁ ଧରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ରବିବାର ସାନବର୍ଚ୍ଛିକୟାଁ ଗ୍ରାମର ଯୁଧିଷ୍ଠିର ଦାସ ବନ୍ତ ସାପ୍ତାହିକ ହାଟରେ ପରିବା କିଣୁଥିବା ବେଳେ ଜଣେ ଯୁବକ ତାଙ୍କ ପକେଟରୁ ମୋବାଇଲ ଚୋରି କରିନେଇଥିଲେ । ବହୁ ଖୋଜାଖୋଜି କରି ନ ପାଇବାରୁ ଅଳ୍ପ ଦୂରରେ ଛିଡ଼ା ହୋଇଥିବା ଜଣେ ଯୁବକଙ୍କୁ ସେ ସନ୍ଦେହ କରିଥିଲେ। ଟିଲୋ ଅଞ୍ଚଳର ଅବନୀ ଧଳ ସମ୍ପୃକ୍ତ ଯୁବକଙ୍କୁ ଧରିବାକୁ ଚେଷ୍ଟା କରିବାବେଳେ ଯୁବକ ଜଣକ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଲୋକମାନେ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ମୋବାଇଲ ଚୋରି ପୂର୍ବରୁ ଯୁବକଜଣକ ସେହିଦିନ ଦେବତାଗଡିଆ ଗ୍ରାମର ଦାମୋଦର ସେଠୀଙ୍କ ପକେଟରୁ ଟଙ୍କା ଚୋରି କରିଥିବା ଜଣାପଡିଥିଲା । ସମ୍ପୃକ୍ତ ଯୁବକ ଜଣକ ଆର୍‌ଏନ୍ ବେତଡା ଗ୍ରାମର ରମେଶ ଦାସ ବୋଲି ପୋଲିସ କହିଛି । ଏନେଇ ପୋଲିସ ମାମଲା(ନଂ.୮।୨୦) ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ସୋମବାର କୋର୍ଟଚାଲାଣ କରିଛି ।

# 'କଳା, ସଂସ୍କୃତି ବଞ୍ଚାଇବାରେ କଳାକାରଙ୍କ ପ୍ରମୁଖ ଭୂମିକା ରହିଛି'

ତିହିଡ଼ି,୨୧।୧(ଡି.ଏନ୍.ଏ.)

ତିହିଡ଼ି ବ୍ଲକ ସରକାରୀ କଳା ସଂସ୍କୃତି ସଂଘ ପକ୍ଷରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ସମ୍ବର୍ଦ୍ଧନା ସଭା ଓ ଲୋକକଳା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂଘର କର୍ମକର୍ତ୍ତାମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ତହସିଲ ଛକରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବ୍ଲକ ଅଧକ୍ଷା ବିଦ୍ୟୁତ୍‌ଲତା ନାୟକ କଳାକାରମାନଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଟାଉନ୍ ହଲ୍‌ରେ ଅନୁଷ୍ଠିତ ସଭାରେ ବ୍ଲକ ଉପସଭାପତି ସତ୍ୟବ୍ରତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କଳା ଓ ସଂସ୍କୃତିକୁ ବଞ୍ଚାଇବାରେ କଳାକାରଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଜିଲା କଳା ସଂସ୍କୃତି ସଂଘ ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ଅଧାପକ ଜୟନ୍ତ ନାୟକ, ବାସୁଦେବପୁର ବ୍ଲକ ଉପସଭାପତି ସନାତନ ପୁରୀ, ପାଲା ଗାୟକ ତ୍ରିଲୋଚନ ପଣ୍ଡା, ଚାନ୍ଦବାଲି ବ୍ଲକ ଉପସଭାପତି ରବୀନ୍ଦ୍ର ଜେନା, ଭଣ୍ଡାରିପୋଖରୀ ଉପସଭାପତି ଉମାକାନ୍ତ ହୋତା, ବରିଷ୍ଠ ପାଲା ଗାୟକ ସୁଧାକର ଶେଖର ଚନ୍ଦ୍ର ଦେବଦାସ ଓ ଦିବାକର ମାଝି ଯୋଗଦେଇ କଳାକାରମାନଙ୍କ ଗଠନମୂଳକ ଚିନ୍ତାଧାରା ରହିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉମାକାନ୍ତ ହୋତା, କାଳନ୍ଦୀ ମଲ୍ଲିକ, ମଧୁସୂଦନ ନାୟକ, ସୁରେନ୍ଦ୍ର ସାହୁ, ଭରତ ଚନ୍ଦ୍ର ମହାଳିକ, ଭାଗୀରଥି ମହାଳିକ, ସୁବ୍ରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ଗୁଣ୍ଡିଚାରାଣୀ ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ।

### ପ୍ରତିଭା ଦେଖାଇଲେ ଶିଶୁ

ବନ୍ତ,୨୧।୧(ଡି.ଏନ.ଏ.)-ବନ୍ତ ବ୍ଲକ ଧନିଓଖା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କୁନି କୁନି ପିଲାମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଜଲିଉଡ୍‌ର କଳାକାର ଗୌର ଦାସ, ଦୀପକ ଗୋଚ୍ଛାୟତ, କାବେରୀ ପାଢ଼ୀ, ମନୋଜ ଭୂୟାଁ, ନମିତା ଭୂୟାଁ, ବିଭୁତେନ୍ଦ୍ର କର ଓ ଗୁରୁପ୍ରସାଦ ପୃଷ୍ଟି ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ପ୍ରତିଭା ଦେଖିଥିଲେ। ବିଦ୍ୟାଳୟ ପକ୍ଷରୁ ଉପସ୍ଥିତ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଜଗନ୍ନାଥ ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର, ଭଦ୍ରକ ମନମୋହନ ସଙ୍ଗୀତ ପରିଷଦର ଅଧକ୍ଷ କେଶବ ଚନ୍ଦ୍ର ଜେନା, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଜ୍ଞାନେନ୍ଦ୍ର ଜେନା, ମହତାବ ମଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ଜେନା ଓ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ସହକାରୀ ଶିକ୍ଷକ ତାପସ ସ୍ୱାଇଁ। ଶିକ୍ଷକ ପଙ୍କଜ ଦାସ, ତାପସ ବେହେରା, ବିଭୁଭୂଷଣ ଧଳ, ଶିକ୍ଷୟିତ୍ରୀ ସସ୍ମିତା ନାୟକ, ପ୍ରତିଭା ରାୟଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଛାତ୍ରୀଛାତ୍ର ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ହୁଅନ୍ତୁ'



ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମ୍ମୁଖରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପଦ୍ମପୁର, ୨୧।୧(ଡି.ଏନ୍.ଏ.)

ଭଦ୍ରକ ବ୍ଲକ ସାହାଡ଼ାଠାରେ ଲକ୍ଷ୍ମୀନାରାୟଣ ପବ୍ଲିକ ସ୍କୁଲ ପରିସରରେ ୩୨ ତମ ମହେଶ୍ୱର ସ୍ମୃତି ବୃତ୍ତି ପୁରସ୍କାର ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ କମିଶନର ଓ ନିର୍ଦ୍ଦେଶକ ମାଧ୍ୟମିକ ଶିକ୍ଷା ବେଣୁଧର ଦାସ, ଅନ୍ୟତମ ଅତିଥି ଭାବେ ପ୍ରଫେସର ସତ୍ୟବାନ ଜେନା ପୂର୍ବତନ ବିଭାଗୀୟ ମୁଖ୍ୟ ରସାୟନ ବିଭାଗ ଉତ୍କଳ ବିଶ୍ୱବିଦ୍ୟାଳୟ ଯୋଗ ଦେଇଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ଦାସ ସଭା ପରିଚାଳନା କରିଥିଲେ। ଅଧକ୍ଷ ଶରତ ଚନ୍ଦ୍ର ସାହୁ ମଞ୍ଚ ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ବାବାଜୀ ଚରଣ ସାମଲ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଭଦ୍ରକ ଓ ବାଲେଶ୍ୱର ଜିଲାର ୨୨ ସରକାରୀ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ୧ ହଜାର ଟଙ୍କା ଅର୍ଥ ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର ୧୨ ତମ ବାର୍ଷିକ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ଡା. ଶରତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପାଧକ୍ଷା ସତ୍ୟଭାମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାର୍ଷିକ କ୍ରୀଡ଼ାରେ ମାହେଶ୍ୱରୀ, ପ୍ରଭାତ ଚାମ୍ପିୟନ

ଭଣ୍ଡାରିପୋଖରୀ,୨୧।୧(ଡି.ଏନ୍.ଏ.)

ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ଜୁନିୟର କଲେଜରେ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବିପିନ ବିହାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ବିଡିଓ ବନମାଳୀ ତରାଇ ଓ ଅନ୍ୟତମ ଅତିଥି ଅଗ୍ନିଶମ ଅଧିକାରୀ ରମାକାନ୍ତ ମଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ଓ ବାଳକ ବର୍ଗରେ ମୋଟ ୧୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବାଳିକା ବର୍ଗରେ ମାହେଶ୍ୱରୀ ବିଶ୍ୱାଳ ଓ ବାଳକ ବର୍ଗରେ ପ୍ରଭାତ କୁମାର କବି ଚାମ୍ପିୟନ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ପ୍ରଫୁଲ୍ଲ ସାମଲ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଅଧାପକ ଆଦିତ୍ୟ କୁମାର ଜେନା ଓ ଅନାଦି ଚରଣ ସାହୁ ଯୋଗଦେଇ ଛାତ୍ରୀଛାତ୍ର କ୍ରୀଡ଼ାକୁ ନିଜ କ୍ୟାରିୟର ଭାବେ ଗଢ଼ି ତୋଳିବା ପାଇଁ ସରକାର ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇବା ସହ ଭିତ୍ତିଭୂମି ସୃଷ୍ଟି କରିଛନ୍ତି ବୋଲି କହିଥିଲେ। ଏହାର ଉପଯୋଗ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ଚାମ୍ପିୟନଙ୍କ ସମେତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ତୋଫାନ କୁମାର ସାମଲ ଏହାକୁ ପରିଚାଳନା କରିଥିଲେ। କଲେଜର ଅଧାପିକା ଅଧାପକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଅଧିକ ଫି' ଆଦାୟକୁ ନେଇ ବଢୁଛି ଛାତ୍ର ଅଶାନ୍ତି

ଚାନ୍ଦବାଲି,୨୧।୧(ଡି.ଏନ.ଏ.)

ଭଦ୍ରକ ଜିଲା ଘଣ୍ଟେଶ୍ୱର ଡିଗ୍ରୀ କଲେଜର ଛାତ୍ରୀଛାତ୍ରଙ୍କଠାରୁ ଦ୍ୱିତୀୟ ବର୍ଷର ପରୀକ୍ଷା ବାବଦକୁ ଅଧିକ ଫି' ଆଦାୟକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ଏନେଇ ଶନିବାର କଲେଜ ଗେଟ୍ ସମ୍ମୁଖରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ର ହୋହଲ୍ଲା କରିବା ସହିତ ଅଧକ୍ଷଙ୍କ ବହିଷ୍କାର ଦାବି କରିଛନ୍ତି। ଚଳିତବର୍ଷ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ୧୪୭୫ଟଙ୍କା ଆଦାୟ କରାଯାଉଥିବା ବେଳେ ରସିଦରେ ୧୩୭୫ ଟଙ୍କା ଉଲ୍ଲେଖ କରାଯାଉଛି । ଏହାକୁ ନେଇ କେତେକ ଛାତ୍ରୀଛାତ୍ର ପ୍ରତିବାଦ କରିବାରୁ ସେମାନଙ୍କୁ ପରୀକ୍ଷାରେ ହଇରାଣ କରିବାକୁ ଧମକ ଦିଆଯାଉଥିବା ଛାତ୍ରମାନେ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏହି ଘଟଣାକୁ ନେଇ ଶନିବାର ଜଣେ ଛାତ୍ର ଓ ଅଧକ୍ଷଙ୍କ ପକ୍ଷରୁ ଦୁଇଟି ପରସ୍ପର ବିରୋଧୀ ଅଭିଯୋଗ ଘଣ୍ଟେଶ୍ୱର ଫାଣ୍ଡିରେ କରାଯାଇଛି । ବାଂଶଡା ଥାନାରେ ଏନେଇ ଦୁଇଟି ମାମଲା (ନଂ.୧୫/୨୦ ଓ ୧୬/୨୦) ରୁଜୁ ହୋଇ ପୋଲିସ୍ ତଦନ୍ତ କରୁଛି। ମଙ୍ଗଳବାର କଲେଜ ଘଟଣାକୁ ନେଇ ୩ଟି ଲିଖିତ ଅଭିଯୋଗ ଘଣ୍ଟେଶ୍ୱର ଫାଣ୍ଡିରେ କରାଯାଇଛି । ତୁରନ୍ତ ବର୍ଦ୍ଧିତ ଫି' ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଏହା ତୀବ୍ରରୂପ ଧାରଣ କରିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି । ତେବେ ବର୍ଦ୍ଧିତ ଫି' ଆଦାୟ ସମ୍ପର୍କରେ ଅଧକ୍ଷ ବିଜୟ ଦାସ ସ୍ୱୀକାର କରିବା ସହିତ ଏହା କେବଳ ଏଜୁକେଶନ ବିଭାଗର ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଆଦାୟ ହେଉଥିବା ବେଳେ ଅନ୍ୟ ପିଲାଙ୍କଠାରୁ ଅଧିକ ଫି ଆଦାୟ ହେଉନାହିଁ ବୋଲି ସୂଚନା ଦେଇଛନ୍ତି।

### ସଡ଼କ ସୁରକ୍ଷା ସଚେତନତା

ଚାନ୍ଦବାଲି, ୨୧।୧(ଡି.ଏନ.ଏ.)– ଧାମରାଠାରେ ଥିବା ଇଣ୍ଡିଆନ ଅଏଲ (ସର୍ଭୋ) ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବୋଟ୍ ଚାଳକ, ଗାଡ଼ି ଚାଳକଙ୍କ ସହ ସ୍ଥାନୀୟ ଲୋକେ ଏଥିରେ ଯୋଗ ଦେଇଥିଲେ। ସିଣ୍ଡା କମ୍ପାନୀର ପରିଚାଳକ ବିକେ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ମା' ଧାମରାଇ ପେଟ୍ରୋଲ ପମ୍ପର ମୁଖ୍ୟ ପରିଚାଳକ ବିକି ମଣ୍ଡଳ ସଚେତନତା ଶିବିର ଆୟୋଜନର ଗୁରୁତ୍ୱ ସମ୍ପର୍କରେ କହିଥିଲେ। କମ୍ପାନୀର ମୁଖ୍ୟ ପରିଚାଳକ ଅମୂଲ୍ୟ ମଣ୍ଡଳ, ଇଣ୍ଡିଆନ ଅଏଲ୍‌ର ମାର୍କେଟିଂ ଅଫିସର ହର୍ଷବର୍ଦ୍ଧନ ସାହୁ, ପ୍ରକାଶ ସାମଲ, ଅତନୁ ବିଶ୍ୱାଳ, ଦିଲୀପ ଦାସ, ପ୍ରଡକ୍‌ସନ ପ୍ରମୋଟର ସୁବ୍ରତ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ରାଜୀବ ବିଶ୍ୱାଳ, ନିତ୍ୟାନନ୍ଦ ଜାନା, ବିଶ୍ୱଜିତ ସିଂ, ନିର୍ମଳ ବାରାଇ, ସୁବାସ ଗିରି, ରାକେଶ ମଣ୍ଡଳ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସେମିରେ ବାସୁଦେବପୁରର ଉତ୍କଳିକା

ଭଣ୍ଡାରିପୋଖରୀ, ୨୧।୧(ଡି.ଏନ୍.ଏ.)–

ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର ପଞ୍ଚାୟତ ସ୍ଥିତ ଚନ୍ଦ୍ରଭାନୁପୁର ଖେଳପଡ଼ିଆ ଠାରେ ଚାଲିଥିବା ତୃତୀୟ ବାର୍ଷିକ ହରମୋହନ ମହାପାତ୍ର ସ୍ମାରକୀ ଟ୍ରଫିର ମଙ୍ଗଳବାର ତୃତୀୟ କ୍ୱାଟର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ

**ହରମୋହନ ମହାପାତ୍ର ସ୍ମାରକୀ**

ଛତିଆର ପିସିସିକୁ ହରାଇ ବାସୁଦେବପୁର ଉତ୍କଳିକା କ୍ରିକେଟ ଟିମ୍ ବିଜୟୀ ହୋଇ ସେମିକୁ ପ୍ରବେଶ କରିଛି। ପିସିସି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍‌ରେ ୧୪୯ ରନ୍ କରିଥିଲା। ଦଳର ସୌମ୍ୟରଞ୍ଜନ ଦାସ ୨୭ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ମନୋଜ ବାରିକ ୩ ଉଇକେଟ୍ ନେଇଥିଲେ। ଜବାବରେ ଉତ୍କଳିକା ବାସୁଦେବପୁର ୧୩.୨ ଓଭରରେ ୩ ଉଇକେଟ୍ ହରାଇ ୧୫୦ ରନ୍ ସଂଗ୍ରହ କରି ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ଦଳ ପକ୍ଷରୁ ଈଶ୍ୱର ରାୟ ୬୧ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ସୁକାନ୍ତ ପ୍ରଧାନ ୪ ଓଭର ୨୨ ରନ୍ ଦେଇ ୨ ଉଇକେଟ୍ ନେଇଥିଲେ। ମ୍ୟାଚ୍‌ରେ ଉତ୍କଳିକାର ଈଶ୍ୱର ରାୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବାବୁ ମହାପାତ୍ର ପୁରସ୍କୃତ କରିଥିଲେ। ଅମ୍ପାୟାର ରାମଚନ୍ଦ୍ର ଦାସ ଓ ଶରତ ପଣ୍ଡା ଖେଳ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ପରିଡ଼ା ଓ ସୌମ୍ୟରଞ୍ଜନ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ରେଫ୍‌ରି ସତ୍ୟଜିତ୍ ଚନ୍ଦ ଥିଲେ। ବୁଧବାର ଚତୁର୍ଥ କ୍ୱାଟର ମ୍ୟାଚ୍ ଭଣ୍ଡାରିପୋଖରୀ କ୍ରିକେଟ ଟିମ୍ ସହିତ ଜେସିସି ଯାରକା ମଧ୍ୟରେ ଅନୁଷ୍ଠିତ ହେବ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଈଶ୍ୱର ରାୟଙ୍କୁ ପୁରସ୍କୃତ କରାଯାଉଛି।

# ବାଦ୍ ପଡ଼ିଥିବା ତାଲିକାଭୁକ୍ତ ଉପଭୋକ୍ତାଙ୍କୁ ମିଳିବ ସଂଯୋଗ

**ମାର୍ଚ୍ଚ ୩୧ରେ ବନ୍ଦ ହେବ ସୌଭାଗ୍ୟ ଜ୍ୟୋତି ଯୋଜନା**

ତିହିଡ଼ି, ୨୧।୧(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ତିହିଡ଼ି ଓ ଚାନ୍ଦବାଲି ବ୍ଲକର ୧୩ ହଜାର ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ରାଜୀବ ଜ୍ୟୋତି ଓ ସୌଭାଗ୍ୟ ଜ୍ୟୋତି ଯୋଜନାରେ ଏସବୁ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଇତିମଧ୍ୟରେ ରାଜୀବ ଜ୍ୟୋତି ଯୋଜନା ବନ୍ଦ ହୋଇଯାଇଥିବା ବେଳେ ଆସନ୍ତା ମାର୍ଚ୍ଚ ୩୧ତାରିଖରେ ସୌଭାଗ୍ୟ ଜ୍ୟୋତି ଯୋଜନା ବନ୍ଦ ହେବ ବୋଲି ଜଣାଯାଇଛି। ତେବେ ଏହି ସମୟ ସୀମା ମଧ୍ୟରେ ବାଦ୍ ପଡ଼ିଥିବା ପରିବାରଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଅପରପକ୍ଷେ ତାଲିକାଭୁକ୍ତ ହୋଇ ନ ଥିବା କେତେକ ପରିବାର ମଧ୍ୟ ଏବେ ବି ଅନ୍ଧାରରେ ରହିଛନ୍ତି। ଯୋଜନା ବନ୍ଦ ହେବା ପରେ ସେମାନେ କେମିତି ବିଦ୍ୟୁତ୍ ସଂଯୋଗ ପାଇବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୧୧ ଏପ୍ରିଲଠାରୁ ରାଜୀବ ଜ୍ୟୋତି ଯୋଜନା ଆରମ୍ଭ ହୋଇଥିଲା। ଯୋଜନାରେ ବିପିଏଲ୍ ପରିବାରଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ତେବେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ପରିବାର ବିଦ୍ୟୁତ୍ ସଂଯୋଗ ପାଇପାରି ନ ଥିଲେ। ଫଳରେ ୨ୟ ପର୍ଯ୍ୟାୟରେ ପୁଣି ସଂଯୋଗ କାର୍ଯ୍ୟ ଆରମ୍ଭ ହୋଇ ସମସ୍ତ ପରିବାରକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା। ପରେ ସମସ୍ତ ପରିବାରକୁ ବିଦ୍ୟୁତ୍ ସଂଯୋଗ କରାଯିବା ଲକ୍ଷ୍ୟ ନେଇ ସୌଭାଗ୍ୟ ଯୋଜନା ଆରମ୍ଭ ହୋଇଥିଲା। ୨୦୧୮ ଏପ୍ରିଲଠାରୁ ଏହା ଆରମ୍ଭ ହୋଇ ୨୦୧୯ ଡିସେମ୍ବର ୩୧ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ୨୦୨୦ ମାର୍ଚ୍ଚ ୩୧ତାରିଖ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଂଯୋଗ କାର୍ଯ୍ୟ ଦାୟିତ୍ୱରେ ଥିବା ଲେଜର କେବୁଲ ବାଦ୍ ପଡ଼ିଥିବା ପରିବାରକୁ ବିଦ୍ୟୁତ୍ ସଂଯୋଗ କରୁଥିବା ଜଣାଯାଇଛି। ତେବେ ଏହି ଯୋଜନାରେ ତାଲିକାଭୁକ୍ତ ହୋଇ ନ ଥିବା କେତେକ ପରିବାର ରହିଛନ୍ତି। ସେହି ପରିବାରଗୁଡ଼ିକ ପରେ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ବିଦ୍ୟୁତ୍ ସଂଯୋଗ ମିଳିବା ସମ୍ଭବ ହେବନାହିଁ। କୌଣସି ନୂଆ ଯୋଜନା ଆରମ୍ଭ ହେଲେ ଜିଲା ବିଦ୍ୟୁତ୍ ବୈଠକରେ ଆଲୋଚନା ପରେ ସ୍ଥିର ହେବା ପରେ ସେମାନେ ବିଦ୍ୟୁତ୍ ସଂଯୋଗ ପାଇପାରିବେ ବୋଲି ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଜିତେନ୍ଦ୍ର ବେହେରା କହିଛନ୍ତି। ବାଦ୍ ପଡ଼ିଥିବା ପରିବାର ସଂଖ୍ୟା ବହୁତ କମ୍ ଅଟେ ଏବଂ ସେମାନେ ଯୋଜନା ସମ୍ପର୍କରେ ଜାଣିପାରି ନ ଥିବାରୁ ବାଦ୍ ପଡ଼ିଥିବା ଏସ୍‌ଡିଓ ବେହେରା କହିଛନ୍ତି।



ରାଜୀବ ଜ୍ୟୋତି ଯୋଜନାରେ ବସାଯାଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

## ସଂକ୍ଷେପରେ

### କପ୍ତିପଦା ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

**କପ୍ତିପଦା,୨୧।୧(ଡ଼ି.ଏନ୍.ଏ):** କପ୍ତିପଦା ବ୍ଲକରେ ନୂତନ ବିଡ଼ିଓ ଭାବେ ଆଇଏଏସ୍(ପ୍ରୋବେସନ) ଭୁବନେଶ ଦେବୀଦାସ ପାଟିଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନୂଆ ବିଡିଓଙ୍କୁ ସମସ୍ତ ଅଧିକାରୀ ଓ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ବିଡ଼ିଓ ପାଟିଲ ଅପରାହ୍ନରେ ବ୍ଲକ୍‌ର ସମସ୍ତ କର୍ମଚାରୀମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ପୂର୍ବରୁ ଖୁଣ୍ଟା ବ୍ଲକର ଅତିରିକ୍ତ ବିଡିଓ ବସନ୍ତ କୁମାର ପୃଷ୍ଟି କପ୍ତିପଦା ବ୍ଲକରେ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉ ଥିଲେ।

### ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା

**ଉଦଳା,୨୧।୧(ଡ଼ି.ଏନ୍.ଏ.):** ୭୧ ତମ ସାଧାରଣତନ୍ତ୍ର ଦିବସ-୨୦୨୦କୁ କପ୍ତିପଦା ଉପଖଣ୍ଡସ୍ତରରେ ଉଦଳାଠାରେ ପାଳନ କରାଯିବା ନିମନ୍ତେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରତିଯୋଗିତା କାର୍ଯ୍ୟକ୍ରମ ଶେଷ ହୋଇଛି। ଗତ ୯ ତାରିଖରୁ ମେଣ୍ଡାଖାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଚିତ୍ରାଙ୍କନ, ଓଡିଆ, ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ୧୫ ଜଣ ସଙ୍ଗୀତ ବିଚାରକଙ୍କୁ ନେଇ ୫ ଗୋଟି ବିଭାଗରେ ଦେଶାତ୍ମବୋଧକ ସଙ୍ଗୀତ, ୧୨ ଜଣ ବିଚାରକଙ୍କୁ ନେଇ ୪ ଗୋଟି ବିଭାଗରେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇ ଫଳାଫଳ ଘୋଷଣା ହୋଇଛି। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୬ ତାରିଖ ଦିନ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯିବ ବୋଲି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଖବର ହସ୍ତଗତ ହୋଇଛି।

### ଏନଏସି କାର୍ଯ୍ୟାଳୟ ଆଗରୁ ବାଇକ୍ ଚୋରି

**ଉଦଳା,୨୧।୧(ଡ଼ି.ଏନ୍.ଏ.):** ଉଦଳା ଏନଏସି କାର୍ଯ୍ୟାଳୟରୁ ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ ଏକ ବାଇକ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏନଏସି କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ କାଳିଚରଣ ବେହେରା ସକାଳେ ତାଙ୍କ ହିରୋ ଗ୍ଲାମର ବାଇକ୍‌ଟିକୁ କାର୍ଯ୍ୟାଳୟ ସମ୍ମୁଖରେ ରଖି ଭିତରକୁ ଯାଇଥିଲେ। କାର୍ଯ୍ୟାଳୟରେ କାମ କରୁଥିବା ବେଳେ ମଧ୍ୟାହ୍ନ ସମୟରେ ଖାଇବା ନିମନ୍ତେ ଘରକୁ ଯିବାକୁ ବାହାରିବା ବେଳେ ସେଠାରେ ସେ ତାଙ୍କ ବାଇକ୍‌ଟିକୁ ପାଇ ନ ଥିଲେ। ପରେ ଏନେଇ ସେ ଉଦଳା ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ବାଇକଟିର କୌଣସି ପତ୍ତା ପାଇ ପାରି ନାହାଁ।

### ଅପହୃତା ନାବାଳିକା ଉଦ୍ଧାର

**ବଡ଼ସାହି,୨୧।୧(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳରୁ ଅପହରଣ କରାଯାଇଥିବା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ଅଭିଯୁକ୍ତ ଫେରାର ଥିବା ଯୋଗୁ ତାଙ୍କୁ ଗିରଫ କରାଯାଇ ନାହିଁ। ଏ ସଂକ୍ରାନ୍ତରେ ପୋଲିସ ପୋକ୍‌ସୋ ଆକ୍ଟ ବଳରେ ମାମଲା ରୁଜୁ ପୂର୍ବକ ଘଟଣାର ତଦନ୍ତ ଜାରି ରଖିଛି।

# ସରକାରୀ ଜମିରେ ସ୍ଥାପିତ କଲେଜକୁ ପଟ୍ଟା ପ୍ରଦାନରେ ସମସ୍ୟା

**ବାରିପଦା ଅଫିସ,୨୧।୧**

ମୟୂରଭଞ୍ଜ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଦେଇ ଗତି କରୁଛନ୍ତି। ସେଥି ମଧ୍ୟରୁ ସରକାରୀ ଜମି ଉପରେ ସ୍ଥାପିତ ମହାବିଦ୍ୟାଳୟଗୁଡିକୁ ଲିଜ୍ ମଞ୍ଜୁର କରି ପଟ୍ଟା ପ୍ରଦାନ କରିବା ଏବେ ମୁଖ୍ୟ ସମସ୍ୟା ସାଜିଛି। ସାଧାରଣତଃ କୌଣସି ମହାବିଦ୍ୟାଳୟ ନିମନ୍ତେ ସରକାରୀ ଜମି କମିଟି ଦ୍ୱାରା ଚୟନ କରିବାର ବର୍ଷକ ମଧ୍ୟରେ ଲିଜ୍ ମଞ୍ଜୁର କରି ପଟ୍ଟା ପ୍ରଦାନ କରିବାର ନିୟମ ରହିଛି। ଜିଲାରେ କମିଟି ଦ୍ୱାରା ଚୟନ ହୋଇଥିବା ସରକାରୀ ଜମି ଉପରେ ମହାବିଦ୍ୟାଳୟ ସ୍ଥାପନ କରାଯାଇଛି ଏବଂ ଲିଜ୍ ପ୍ରଦାନ ପ୍ରକ୍ରିୟା ବର୍ଷବର୍ଷ ଧରି ଚାଲିଛି। ବର୍ତ୍ତମାନ କିଛି ମହାବିଦ୍ୟାଳୟର କର୍ମଚାରୀ ଲିଜ୍ ପ୍ରକ୍ରିୟା ଶେଷ କରି ମହାବିଦ୍ୟାଳୟ ନାମରେ ପଟ୍ଟା ନେବାକୁ ଚାହୁଁଥିଲେ ମଧ୍ୟ ସମ୍ପୃକ୍ତ ଜମିର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ତାହା ହୋଇପାରୁ ନାହିଁ। ରାଜସ୍ୱ ବିଭାଗର ନିୟମ ଦୃଷ୍ଟିରୁ ଉକ୍ତ ମହାବିଦ୍ୟାଳୟଗୁଡିକୁ ବର୍ତ୍ତମାନର ବଜାର ଦର ଦେବାକୁ ପଡ଼ିବ। ଯାହା ଇତିମଧ୍ୟରେ ୧୦୦୦ରୁ ୨୦୦୦ ଗୁଣ ବଢିଯାଇଛି। ଏତେ ଟଙ୍କା ଦେବା କୌଣସି ମହାବିଦ୍ୟାଳୟ ପକ୍ଷରେ ସମ୍ଭବ ନୁହେଁ। ମହାବିଦ୍ୟାଳୟଗୁଡିକ ଅତି ବେଶିରେ ଯେଉଁ ସମୟରେ ଉକ୍ତ ଜମିକୁ କମିଟି ଚୟନ କରିଥିଲା ସେହି ସମୟର ବଜାର ଦର ଦେବାକୁ ଇଚ୍ଛୁକ। ହେଲେ ବର୍ତ୍ତମାନର ନିୟମ ଯୋଗୁ କଲେଜ କର୍ତ୍ତୃପକ୍ଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ସମସ୍ୟା ସମାଧାନ ପାଇଁ ଲିଖିତ ପ୍ରସ୍ତାବ ଦେଇଛନ୍ତି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ ସିନେଟ ଏବଂ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସହିତ ଆଲୋଚନା ମଧ୍ୟ କରିଛନ୍ତି। ଆଲୋଚନା ବେଳେ ମନ୍ତ୍ରୀ ମାରାଣ୍ଡି କାର୍ଯ୍ୟ ତ୍ୱରାନ୍ୱିତ ନିମନ୍ତେ ବ୍ୟକ୍ତିଗତ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ‘ଛାତ୍ରୀଛାତ୍ରଙ୍କୁ ମାନସିକ ଚାପରେ ରଖିବା ଉଚିତ ନୁହେଁ’

**ବାରିପଦା ଅଫିସ,୨୧।୧**


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ବାରିପଦା ଶହୀଦ ସ୍ମୃତି ଭବନଠାରେ ବଚପନ ପ୍ଲେସ୍କୁଲର ୧୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ମୀନାକ୍ଷୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମୋରଡା ବିଧାୟକ ରାଜ କିଶୋର ଦାସ, ମୁଖ୍ୟ ବକ୍ତା ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲିକ ଏବଂ ସମ୍ମାନନୀୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରୁପଭାନୁ ମିଶ୍ର ଓ ପିଆରଏମ ମେଡିକାଲ କଲେଜର ଶିଶୁ ରୋଗ ବିଶେଷଜ୍ଞ ଡା.ସୁମନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ କୌଣସି ମାନସିକ ଚାପ ନ ନେଇ କିଭଳି ସୃଜନଶୀଳତା ପ୍ରଦର୍ଶନ କରିବେ ସେ ଦିଗରେ ଗୁରୁତ୍ୱ ଦେବାକୁ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଓମ୍‌ସାଇ ଚେରିଟେବଲଟ୍ରଷ୍ଟର ଟ୍ରଷ୍ଟି ସୁଭ୍ରାନ୍ତି ମହାନ୍ତି ଓ ସ୍ୱରୂପ ରଞ୍ଜନ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲର ମେଧାବୀ ଛାତ୍ରୀ ଆକୃତି ଦେବଜେନାଙ୍କୁ ସ୍ୱତନ୍ତ୍ର ପୁରସ୍କାର ସମେତ ଅନ୍ୟ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଏମ୍. ବରଖା ଏବଂ ନିକିତା ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋହରିର ଦିବସ ପାଳିତ

**ବାରିପଦା ଅଫିସ,୨୧।୧**

ବାରିପଦା ମୋହରିର ସଂଘ ପକ୍ଷରୁ କଚେରି ପରିସରରେ ମୋହରିର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଶରତ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିବାବେଳେ ବାରିପଦା ତଥା ଜିଲା ସମ୍ପାଦକ ସଂଗ୍ରାମ ଶତପଥୀ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଉପ-ସଭାପତି ସର୍ବେଶ୍ୱର ଶତପଥୀ ଯୋଗଦେଇ ମୋହରିର ସଂଘ ଏକ ସେବା ସଂସ୍ଥା ବୋଲି ମତବ୍ୟକ୍ତ କରିଥିଲେ। ଆଲୋଚନା ସଭାରେ ମହାଦେବ ଦାସ, କୁଅଁର ମାଝୀ, ଲକ୍ଷ୍ମୀଧର ମହାନ୍ତି, ସୁରେନ୍ଦ୍ର ନାଥ ରଣା, ସନ୍ତୋଷ କୁମାର ସାହୁ, ବିଦ୍ୟାଧର ରାଜ, ଉଦୟ କୁମାର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପୀତାମ୍ବର ମଲ୍ଲିକ, ଯତୀନ୍ ଚନ୍ଦ୍ର ଗିରି, ପିଥ ମାର୍ଣ୍ଡି, ଗଦାଧର ପୁଥାଳ, ଅକ୍ଷକ କୁମାର ସାହୁ, ବସନ୍ତ ପାଣିଗ୍ରାହୀ ବିରଞ୍ଚି ଷଡ଼ଙ୍ଗୀ, ସୁଶାନ୍ତ ପାଢୀ, ପ୍ରଶାନ୍ତ ନାୟକ, ଅଜୟ ଘଡ଼େଇ ପ୍ରମୁଖ ଶତାଧିକ ମୋହରିର ଯୋଗଦାନ କରିଥିଲେ।

## ‘ଶିକ୍ଷକ ଓ ଅଭିଭାବକଙ୍କ ସହଯୋଗରେ ଛାତ୍ରୀଛାତ୍ରଙ୍କ ଉନ୍ନତି ଘଟିଥାଏ’


ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ଖାରପୋଖରିଆ,୨୧।୧(ଡ଼ି.ଏନ୍.ଏ.)**

ଖାରପୋଖରିଆ ବନ୍ଦେ ଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରୟୋଦଶତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଏମପି ଇଂ. ବିଶେଶ୍ୱର ଟୁଡୁ ଯୋଗଦେଇ ବିଦ୍ୟାଳୟ ମଣିଷ ତିଆରି କାରଖାନା ଏବଂ ଶିକ୍ଷକ ଓ ଅଭିଭାବକଙ୍କ ସହଯୋଗରେ ଛାତ୍ରୀଛାତ୍ରଙ୍କ ଉନ୍ନତି ଘଟିଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ପରମେଶ୍ୱର ଦେ ଯୋଗଦେଇ ଶିକ୍ଷା ଦ୍ୱାରା ଶିଶୁମାନଙ୍କର ବୌଦ୍ଧିକ ବିକାଶ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥିଭାବେ ସାରସକଣା ବିଧାୟକ ଡା.ବୁଢାନ ମୁର୍ମୁ ଯୋଗ ଦେଇଥିଲେ। ବିଦ୍ୟା ମନ୍ଦିର ପରିଚାଳନା ସମିତିର ସମ୍ପାଦକ ସଞ୍ଜୟ କୁମାର ଘୋଷ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା ସମିତିର ସଭାପତି ଭବାନୀ ଭୂଷଣ ପରିଡ଼ା, ପ୍ରାକ୍ତନ ସଭାପତି ବଙ୍କିମ ଚନ୍ଦ୍ର ମହାପାତ୍ର, ନିରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଖୁଦିରାମ ମହାନ୍ତଙ୍କୁ ଶ୍ରେଷ୍ଠ ଆଚାର୍ଯ୍ୟ ଭାବେ ସମ୍ମାନିତ କରାଯାଇଥିଲା। ସମିତିର ସଦସ୍ୟ ସୁବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍


ମକ୍‌ଡ୍ରିଲ ବେଳେ ଉପସ୍ଥିତ ଅଗ୍ନିଶମ ବିଭାଗ କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀବୃନ୍ଦ।

**ରାଇରଙ୍ଗପୁର,୨୧।୧(ଡି.ଏନ୍.ଏ.)**

ଅଗ୍ନିଶମ ବିଭାଗ ପକ୍ଷରୁ ମଙ୍ଗଳବାର ରାଇରଙ୍ଗପୁର ଏସ୍‌ଏସ୍‌ଡି ବିଭାଗ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜାତୀୟ ଅଗ୍ନିଶମ ଏବଂ ନିର୍ବିପାକ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହିଅବସରରେ ଭୂମିକମ୍ପ, ବନ୍ୟା, ବାତ୍ୟା ଏବଂ ବୋମାମାଡ଼ ସମେତ ରନ୍ଧନ ଗ୍ୟାସ୍‌ର ବ୍ୟବହାର ଏବଂ ସୁରକ୍ଷା ଉପରେ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀମାନଙ୍କୁ ମକ୍‌ଡ୍ରିଲ୍ ମାଧ୍ୟମରେ ଶିକ୍ଷା ଦିଆଯାଇଥିଲା। ଅଗ୍ନିଶମ ବିଭାଗ ସର୍କଲ ଅଧିକାରୀ ଶରତଚନ୍ଦ୍ର ସିଂ, ମୁଖ୍ୟ ଆଗ୍ନିକ ନିରଞ୍ଜନ ବେହେରା ଏବଂ ହାବିଲଦାର ଚିତ୍ତରଞ୍ଜନ ଦାସଙ୍କ ସମେତ ବହୁ ଆଗ୍ନିକ କର୍ମଚାରୀ ସାମିଲ୍ ଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରେବା ଦାସଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ, ଛାତ୍ରୀମାନେ ଉପସ୍ଥିତ ଥିଲେ।

## ବାରକୋଟ ଏକାଦଶ ଚାମ୍ପିୟନ

**ଉଦଳା, ୨୧।୧(ଡି.ଏନ୍.ଏ.)**

### ୨ ଦିନିଆ ଫୁଟବଲ୍ ଟୁର୍ନାମେଣ୍ଟ



ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଉଦଳା ଏନଏସି ଅଧୀନ ୧୧ ନଂ. ୱାର୍ଡସ୍ଥିତ ଖେଳ ପଡିଆରେ ୨୧ ତମ ବିର୍ସାବୀର ଆଥଲେଟିକ୍ ଏବଂ କଲଚରାଲ କ୍ଲବ ପକ୍ଷରୁ ଦୁଇ ଦିବସୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଡ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ୫ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ମାରାଣ୍ଡି ଆଣ୍ଡ ମାରାଣ୍ଡି ଏକାଦଶ ଏବଂ ଦେବଗଡ଼ ଜିଲାର ବାରକୋଟ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ନିୟମ ଅନୁସାରେ ମାରାଣ୍ଡି ଆଣ୍ଡ ମାରାଣ୍ଡି ଟିମ୍‌କୁ ୩-୨ ଗୋଲରେ ପରାସ୍ତ କରି ବାରକୋଟ ଏକାଦଶ ଚାମ୍ପିୟନ୍ ହୋଇଥିଲା। ରେଫରି ଭାବେ ବ୍ରହ୍ମାନନ୍ଦ ମୁର୍ମୁ, ଲକ୍ଷ୍ମଣ ସୋରେନ୍, କୁଲୁ ମହାକୁଡ, ମାନସ ବିଶ୍ୱାଳ ଓ ରାମଦାସ ସୋରେନ୍ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବର ସଭାପତି ଅମୀୟ କୁମାର ବଳ, ସମ୍ପାଦକ ରାମହରି ସୋରେନ୍, ସୁନାରାମ ସୋରେନ୍, ଦାସ ମାଝୀ, ଗଣେଶ ହେମ୍ବ୍ରମ୍, ମନୋରଞ୍ଜନ ମାରାଣ୍ଡି, ଦେବାଶିଷ ଘୋଷ, ଉପେନ୍ଦ୍ର ହେମ୍ବ୍ରମ୍, ନାଥ ଟୁଡୁ, ଦୀପକ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ

**ଠାକୁରମୁଣ୍ଡା,୨୧।୧(ଡ଼ି.ଏନ୍.ଏ)**

ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ନିକଟ ବାଲିଘାଟ ସାଳନ୍ଦୀ ନଦୀ କୂଳରେ ଥିବା ବାବା ଭୌରବାନନ୍ଦ ପୂର୍ଣ୍ଣାଶ୍ରମରେ ଗତ ୧୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଉତ୍ତରାୟଣ ସୂର୍ଯ୍ୟ ନାରାୟଣଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞ କାର୍ଯ୍ୟକ୍ରମରେ ଆଶ୍ରମର ମୁଖ୍ୟ ବାବା ଭୌରବା ନନ୍ଦଙ୍କ ସମେତ ଆଚାର୍ଯ୍ୟ ପଣ୍ଡିତ ମନୋଜ ପତି,ପଣ୍ଡିତ ଦେବଦତ୍ତ ଦୀକ୍ଷିତ, ପଣ୍ଡିତ ବାବାଜୀ ଶର୍ମା,ବାବା ଯଦୁନାଥ ଲୁନା ମିଶ୍ର ପ୍ରମୁଖ ଗୀତା ଯଜ୍ଞ,ଚଣ୍ଡୀ ପାଠ,ସୂର୍ଯ୍ୟ ପୂଜା, ଅଭିଶେଷ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଆସି ଯଜ୍ଞ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଦିବସ ର ନାଗା ଧୂନି, ଅଲେଖ ଧୂନି,ନାମ ସଂକୀର୍ତ୍ତନ, ଟୁସୁ ମିଳନ,ଚାଙ୍ଗୁ ନୃତ୍ୟ ଓ ମାଦଳ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ପୂର୍ବତନ ଆନନ୍ଦପୁର ବ୍ଲକ ଅଧ୍ୟକ୍ଷ ଗିରିଧାରୀ ମହାନ୍ତ ଏବଂ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସ୍ଥାନୀୟ ବାଲିଘାଟ ଗ୍ରାମବାସୀ ଯଜ୍ଞରେ ସହଯୋଗ କରିଥିଲେ।

## ଦକ୍ଷତା ବିକାଶ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**କୁଆମରା,୨୧।୧(ଡି.ଏନ୍.ଏ.)**

ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଦକ୍ଷତା ବିକାଶ କର୍ମଶାଳା ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ଶାନ୍ତନୁ କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ବିଶେଷଜ୍ଞ ଭାବେ ପ୍ରାଧ୍ୟାପକ ନନ୍ଦ କିଶୋର ବେହେରା, ଅଧ୍ୟାପକ ଶିଶିର କୁମାର ପୃଷ୍ଟି, ବିଜୟ କୁମାର ବାରିକ, ରବୀନ୍ଦ୍ର କୁମାର ପଣ୍ଡା, ଗଜେନ୍ଦ୍ର ନାଥ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଉପରେ ଆଲୋଚନା କରିଥିଲେ। ଖେଳ ଶିକ୍ଷକ ପ୍ରଦୀପ କୁମାର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ନିଜର ମତ ପ୍ରକାଶ କରିଥିଲେ।

## ନିଖୋଜ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଖୁଣ୍ଟା,୨୧।୧(ଡି.ଏନ୍.ଏ.)**

ଖୁଣ୍ଟା ଥାନା ଅଧୀନ ତାଳକୁଣ୍ଡା ଗ୍ରାମରୁ ୫ ଦିନ ହେଲା ନିଖୋଜ ଥିବା ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଲକ୍ଷ୍ମୀଧର ସିଂ (୨୪)। ଗତ ୧୬ ତାରିଖରେ ଲକ୍ଷ୍ମୀଧର ଘରୁ ବାହାରି ଯାଇଥିବା ବେଳେ ଆଉ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ତାଙ୍କର ପତ୍ତା ପାଇ ନ ଥିଲେ। ମଙ୍ଗଳବାର ସକାଳେ ଗ୍ରାମର କେତେକ ଲୋକ ନିକଟସ୍ଥ ଅଡିକୁଳ ନଦୀପଠାକୁ ଯାଇଥିବାବେଳେ ସେଠାରେ ଥିବା ଏକ ଶାଗୁଆନ ଗଛ ଡାଳରେ ପ୍ରାୟ ୩୦ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚରେ ଲକ୍ଷ୍ମୀଧରଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଉପସ୍ଥିତିରେ ଖୁଣ୍ଟା ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ। ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୦) ରୁଜୁ ହୋଇଛି।

## ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ବାରିପଦା ଅଫିସ,୨୧।୧**

ବାରିପଦା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ.ପ୍ରଜ୍ଞା ପାରମିତା ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢ଼ା ସହ ଭଲ ମଣିଷ ହେବା ପାଇଁ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମୟୂରଭଞ୍ଜ ଏମପି ଇଂ. ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ଓ ସମ୍ମାନନୀୟ ଅତିଥି ଭାବେ ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଏସ.କେ ଲାଇକୁଦ୍ଦିନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଏହି ଐତିହ୍ୟ ସମ୍ପନ୍ନ ବିଦ୍ୟାଳୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ସହ ଶିକ୍ଷୟିତ୍ରୀଶିକ୍ଷକମାନେ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବହି ବଗିଚା ଲୋକାର୍ପିତ ହୋଇଥିଲା। ଶିକ୍ଷୟିତ୍ରୀ ଗାୟତ୍ରୀ ପୃଷ୍ଟି ଅତିଥି ପରିଚୟ ପ୍ରଦାନ, ଶିକ୍ଷକ ଅମିତାଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଡ.ଶଶୀଧର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ଗୋବିନ୍ଦ୍ର ଚନ୍ଦ୍ର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଅମୂଲ୍ୟ କୁମ୍ଭକାର ଓ ମନୋଜ କୁମାର ପରିଡା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦନ୍ତା ଉତ୍ପାତରେ ବ୍ୟାପକ କ୍ଷତି

**ବଡ଼ସାହି,୨୧।୧(ସ୍ୱ.ପ୍ର)**


ହାତୀ ଦ୍ୱାରା ନଷ୍ଟ ହୋଇଥିବା ଧାନ।

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତ ଅଗାଶୋଳ ଗ୍ରାମର ୪ ଜଣ ଚାଷୀଙ୍କ ଧାନ କଳେଇକୁ ଦନ୍ତାହାତୀ ଖାଇବା ସହ ନଷ୍ଟ କରିଛି। ହାତୀର ଗତିପଥ ଉପରେ ବନ ବିଭାଗ ଦୃଷ୍ଟି ଦେଉଥିଲେ ହେଁ ଅଦ୍ୟାବଧି ହାତୀକୁ ଶିମିଳିପାଳ ଜଙ୍ଗଲ ମୁହାଁ କରିବାରେ ବିଫଳ ହୋଇଛନ୍ତି। ଫଳରେ ହାତୀଟି ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷତି କରୁଥିବା ବେଳେ ଲୋକମାନେ ଭୟଭୀତ ଅବସ୍ଥାରେ ରାତି କାଟୁଛନ୍ତି। ଡୁକୁରା ରେଞ୍ଜ ଅଧୀନ ବଡ଼ସାହି-ସୁହାଗପୁର ରାସ୍ତା ପାର୍ଶ୍ୱ ଜଙ୍ଗଲରେ ଦୀର୍ଘଦିନ ଧରି ଦନ୍ତାଟି ବାଟବଣା ହୋଇ ଉତ୍ପାତ ଚଳାଇଛି। ଦିନ ତମାମ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗାଁ ଗଣ୍ଡାରେ ପଶି ଚାଷୀଙ୍କ ଧାନ କଳେଇକୁ ଖାଇବା ସହ ନଷ୍ଟ କରୁଛି। ଅଗାଶୋଳ ଗ୍ରାମର ଚାଷୀ ମଗା ସିଂ, ପାଗଲା ସିଂ, ମୋହନ ସିଂ, ଦିବାକର ମାରାଣ୍ଡିଙ୍କ ଧାନ ଗଦାରୁ ଧାନ ଖାଇବା ସହ ଗଚ୍ଛିତ ଥିବା ଧାନକୁ ନଷ୍ଟ କରିଛି। ସେହିପରି ବାଡା ସରେନଙ୍କ ବାଡିରେ ପଶି ସମସ୍ତ ପନିପରିବା ମାଡିଦଳି ନଷ୍ଟ କରିଛି। ହାତୀର ଉତ୍ପାତକୁ ନେଇ ଆଖପାଖ ୧୦/୧୨ଖଣ୍ଡ ଗ୍ରାମର ଲୋକମାନେ ସନ୍ଧ୍ୟା ପରେ ଘରୁ ବାହାରକୁ ବାହାରିବାକୁ ସୁରକ୍ଷିତ ମଣୁ ନାହାନ୍ତି। ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି। ତେବେ ଦୀର୍ଘ ଦିନ ଧରି ଖାଦ୍ୟ ଅନ୍ୱେଷଣରେ ଆସିଥିବା ଦନ୍ତାହାତୀକୁ ଘଉଡାଇବା ପାଇଁ ଚେଷ୍ଟା କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଲାଲ ମୋହନ ମହାନ୍ତ, ପରଭା ନାଏକ, ବିଜୟ ମହାନ୍ତ, ତ୍ରିଲୋଚନ ମହାନ୍ତ, ବଗଲା ମାଝୀ, ଉଚ୍ଛବ ନାଏକ ପ୍ରମୁଖ କହିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ଅଭିଯୋଗ

ଯୋଡ଼ା, ୨୧।୧(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡ଼ା ସହରରେ ସୋମବାର ରାତିରେ ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଖବର ନେବାରୁ ଜଣାପଡ଼ିଛି ଯେ,ସୋମବାର ରାତି ପ୍ରାୟ ୧୧ଟା ବେଳେ ଉଲି ହଟିଂର ଅଜୟ ପାତ୍ର ନାମକ ଜଣେ ଯୁବକ ଯାଉଥିବାବେଳେ କୁନ୍ଦୁରୁନାଲା ବସ୍ତି ଠାରେ ୪ଜଣ ଦୁର୍ବୃତ୍ତ ଆସି ତାଙ୍କୁ ହଠାତ ଆକ୍ରମଣ କରିଥିଲେ। ତାଙ୍କୁ କିଛି ନ କହି ଘୋଷାଡ଼ି ଘୋଷାଡ଼ି ନିର୍ଘୁମ ମାଡ଼ ମାରିଥିଲେ ।ଅଜୟ ଲହୁଲୁହାଣ ହୋଇ ଜୀବନ ବିକଳରେ ଦୌଡ଼ି ପଳାଇ ନିକଟରେ ଥିବା ଏକ ଟେଣ୍ଟ ଭିତରେ ଲୁଚି ରହିଥିଲେ। ମଙ୍ଗଳବାର ଯୋଡ଼ା ପୋଲିସକୁ ଜଣାଇଥିଲେ। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ।

### ଅକାମୀ ହୋଇଛି ଇ-ଉପସ୍ଥାନ ମେଶିନ

ହାଟଡିହୀ, ୨୧।୧ (ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ବିଭିନ୍ନ ସରକାରୀ ଅଫିସକୁ କର୍ମଚାରୀମାନେ ଠିକ ସମୟରେ ଆସୁଛନ୍ତି କି ନାହିଁ ସେ ନେଇ ଏକ ଇ-ଉପସ୍ଥାନ ମେଶିନ ଲଗାଯାଇଛି । କିନ୍ତୁ ବ୍ଲକ ଓ ତହସିଲରେ ଲାଗିଥିବା ଇ-ଉପସ୍ଥାନ ମେଶିନ ଏବେ ଅକାମୀ। କାନ୍ଥରେ ଇ-ଉପସ୍ଥାନ ମେଶିନର କେବଳ ଖୋଳ ଝୁଲୁଛି। ଖୋଳ ଭିତରେ ମେଶିନ ନାହିଁ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଭାଜପା ପକ୍ଷରୁ ୨ଜଣ ସମ୍ବର୍ଦ୍ଧିତ

ତେଲକୋଇ, ୨୧।୧ (ଡି.ଏନ.ଏ.) ତେଲକୋଇ ମୁଖ୍ୟାଳୟର ଡାକ ବଙ୍ଗଳାରେ ପୂର୍ବତନ ଏମ୍‌ପି ରୁଦ୍ର ପାଣି ଓ ଢେଙ୍କାନାଳ ଜିଲା ସଭାପତି ବିଭୂତି ପ୍ରଧାନଙ୍କୁ ବ୍ଲକ ଭାଜପା ସଂଗଠନ ପକ୍ଷରୁ ସ୍ୱାଗତ କରି ଉତ୍ତରୀୟ ପ୍ରଦାନ କରିଛନ୍ତି । କେନ୍ଦୁଝର ଜିଲା ମୁଖ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ତେଲକୋଇରୁ କେନ୍ଦୁଝର ଯିବା ଅବସରରେ ବ୍ଲକ ଭାଜପା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ସରପଞ୍ଚ ମାନସ ନାୟକ, ବ୍ଲକ ଭାଜପା ସଭାପତି ପ୍ରମୋଦ କୁମାର ସାହୁଙ୍କ ସମେତ ବହୁ ଭାଜପା ଯୁବମୋର୍ଚ୍ଚା ଏଥିରେ ଅନ୍ତର୍ଭୁକ୍ତ ଥିଲେ।

### ବ୍ଲକସ୍ତରୀୟ ପ୍ରତିଯୋଗିତା

ପାଟଣା,୨୧।୧(ସ୍ୱ.ପ୍ର.)-ପାଟଣାରେ ବ୍ଲକ ସ୍ତରୀୟ ଗଣତନ୍ତ୍ର ଦିବସ ସକାଶେ ପାଟଣା ମୁଖ୍ୟାଳୟ ସ୍ଥିତ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବ୍ଲକର ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳବାର ବ୍ଲକସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା ଓ ରଚନା ପ୍ରଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୩୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ପ୍ରତି ବର୍ଷ ଭଳି ପ୍ରତିଯୋଗୀଙ୍କ ମଧରେ ଉତ୍ସାହ ଦେଖାଦେଇଛି। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶାନ୍ତନୁ କୁମାର ସାହୁଙ୍କ ଅଧକ୍ଷତାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ବ୍ୟଙ୍ଗ ସାହିତ୍ୟିକ ତଥା ଶିକ୍ଷାବିତ ଭରତ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ତଥା କବି ଗଦାଧର ମହାନ୍ତ ଓ ଅବସର ପ୍ରାପ୍ତ ଶିକ୍ଷକ ସନାତନ ଦାଶ ଯୋଗ ଦେଇଥିବାବେଳେ ଅତିଥି ଭାବେ ବ୍ଲକ ଯୋଗାଣ ଅଧିକାରୀ ବିଦ୍ୟୁତଲତା ନାୟକ ଓ ଜିପିଓ ରଶ୍ମିରେଖା ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପାର୍ଥସାରଥୀ ବେଜ ସଂଯୋଜନା ଓ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବ୍ଲକ ସ୍ତରୀୟ ଗଣତନ୍ତ୍ର ଦିବସରେ ପୁରସ୍କୃତ କାରାଯିବ।

# ଝାଡ଼ଖଣ୍ଡରୁ ୭ ଅଭିଯୁକ୍ତ ଗିରଫ


ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ଗିରଫ ୭ ଅଭିଯୁକ୍ତ।


ଜବତ ହୋଇଥିବା ୫ ଡମ୍ଫର।

ବଡବିଲ, ୨୧।୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଉଲିବୁରୁସ୍ଥିତ ଶ୍ରୀ ଜଗନ୍ନାଥ ଷ୍ଟିଲ କମ୍ପାନୀରୁ ପିଲେଟ ବୋଝେଇ ହୋଇ ରେଲୱେ ସାଇଡିଂ ଅଭିମୁଖେ ବାହାରିଥିଲା। ଉକ୍ତ ଡମ୍ଫର ଗୁଡିକ ଗନ୍ତବ୍ୟ ସ୍ଥଳକୁ ନ ଯାଇ ଅନ୍ୟତ୍ର ଯାଉଥିବାବେଳେ ଝାଡଖଣ୍ଡ ରାଜ୍ୟ ଚାଇଁବସାରେ ପୋଲିସ ୬୦ ମେଟ୍ରିକ ଟନ ପିଲେଟ ବୋଝେଇ ୬ଟି ଡମ୍ଫରକୁ ଜବତ କରି ଏହି ଘଟଣାରେ ସଂପୃକ୍ତ ୭ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବଡବିଲ ପାଲ ହଟିଂରେ ରହୁଥିବା ଝାଡଖଣ୍ଡ ରାଜ୍ୟ ଗମ୍ଭାରିଆ ଅଞ୍ଚଳର ଦୀପକ ସିଙ୍କୁ, ବଡବିଲ ଗାଡା ହଟିଂ ଅଞ୍ଚଳର ରବି ପାତ୍ର, ବଡବିଲ ସୁନ୍ଦରା ବସ୍ତି ଅଞ୍ଚଳର ବିଜୟ ଦାସ, ବଡବିଲ ବାରୁ ହଟିଂ ଅଞ୍ଚଳର ଯଶମାନ ଧାନୱାର, ବାଗିଆବୁରୁ ହଟିଂ ଅଞ୍ଚଳର ବିଶରାମ ତିର୍କୀ, ସୁରକ୍ଷା କର୍ମୀ ବିକାଶ ପ୍ରଧାନ ଓ ଅମୂଲ୍ୟ ରତନ ପ୍ରଧାନ ବୋଲି ବଡବିଲ ଏସଡିପିଓ ସତ୍ୟବିକାଶ ଭୂୟାଁ ମଙ୍ଗଳବାର ଅପରାହ୍ନରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

## ପିଲେଟ ଚୋରା ଚାଲାଣ

ସୂଚନା ଅନୁଯାୟୀ, ଗତ ୧୮ ତାରିଖ ରାତିରେ ବଡବିଲ ଉଲିବୁରୁସ୍ଥିତ ଏକ ଷ୍ଟିଲ କମ୍ପାନୀରୁ ଜେ ବି ନ୍ୟାଶନାଲ ଟ୍ରାନ୍ସପୋର୍ଟ ଜରିଆରେ ପିଲେଟ(ଲୁହା ଗୋଲି) ବୋଝେଇ ହୋଇ ଝାଡଖଣ୍ଡ ରାଜ୍ୟ ବଡାଜାମଦା ରେଲୱେ ସାଇଡିଂ ଅଭିମୁଖେ ବାହାରିଥିଲା। ତେବେ ବିଳମ୍ବିତ ରାତି ପ୍ରାୟ ୨ଟା ବେଳେ ଉକ୍ତ ରେଲୱେ ସାଇଡିଂରେ ପିଲେଟ ଅନଲୋଡ ହୋଇଥିବା ନେଇ ଟ୍ରାନ୍ସପୋର୍ଟ କମ୍ପାନୀ ଜାଣିବାକୁ ପାଇଥିଲା। କିନ୍ତୁ ୨୦ ତାରିଖ ଦିନ ନିର୍ଦ୍ଧାରିତ ଓଜନର ପିଲେଟ ରେଲୱେ ସାଇଡିଂରେ ଅନଲୋଡ ହୋଇ ନ ଥିବା ଓ ୬ ଟି ଡମ୍ଫର ଅନଲୋଡ କରି ନ ଥିବା ସମ୍ପୃକ୍ତ ଷ୍ଟିଲ କମ୍ପାନୀ କର୍ତ୍ତୃପକ୍ଷ ଜାଣିବାକୁ ପାଇ ବଡବିଲ ଥାନାରେ ଲିଖିତ ଭାବେ ଏତଲା ଦେଇଥିଲେ। ପୋଲିସ ପକ୍ଷରୁ ଏ ନେଇ ବଡବିଲ ଥାନାରେ ଏକ ମାମଲା (ନଂ ୮/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୧୯ ତାରିଖ ରାତିରେ ଝାଡଖଣ୍ଡ ରାଜ୍ୟର ଚାଇଁବସା ନିକଟରେ ଉକ୍ତ ଡମ୍ଫର ଗୁଡିକ ଛିଡା ହୋଇଥିବା ନେଇ ବଡବିଲ ଥାନା ଇନ୍ସପେକ୍ଟର ସୁଶାନ୍ତ ଦାଶ କୌଣସି ସୂତ୍ରରୁ ଖବର ପାଇଥିଲେ। ଇନ୍ସପେକ୍ଟର ସୁଶାନ୍ତଙ୍କ ନେତୃତ୍ୱରେ ବଡବିଲ ଥାନାର ୨ଜଣ ସବଇନ୍ସପେକ୍ଟର ଓ ୪ ଜଣ କନେଷ୍ଟବଳ ଝାଡଖଣ୍ଡ ରାଜ୍ୟକୁ ଗସ୍ତ କରି ଚାଇଁବସା ଠାରେ ଚଢାଉ କରି ଛିଡାହୋଇଥିବା ୬ ଡମ୍ଫରକୁ ଜବତ କରିବା ସହ ଘଟଣାସ୍ଥଳରୁ ୩ ଜଣ ଚାଳକ ଦୀପକ, ରବି ଓ ବିଜୟଙ୍କୁ ଗିରଫ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ପୋଲିସ ସେମାନଙ୍କ ନିକଟରୁ ନଗଦ ୨୦ ହଜାର ଟଙ୍କା, ୬ଟି ଚାଲାଣ, ୧ଟି ମୋବାଇଲ ଓ ଏକ ରେଜିଷ୍ଟର ମଧ୍ୟ ଜବତ କରିଛି।

# ଭାଗନେଲେ ୨୨୦ ଛାତ୍ରୀଛାତ୍ର

ଚମ୍ପୁଆ,୨୧।୧(ଡି.ଏନ.ଏ)

ଆସନ୍ତା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ତଥା ଚମ୍ପୁଆ ସହରକୁ ସୁନ୍ଦର କରି ଗଢି ତୋଳିବା ନେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ମୂଳକ ଭିତ୍ତି ଚିତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ ଉଦ୍ୟମରେ ନେହେରୁ ଷ୍ଟାଡିୟମ ପାଚେରୀରେ ଏହି ଭିତ୍ତି ଚିତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ଜୟନ୍ତ କୁମାର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ୨୫ ଗୋଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୨୦ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରି ୫୦ ଗୋଟି ଭିତ୍ତି ଚିତ୍ର ଅଙ୍କନ କରିଥିଲେ। ନାରୀ ସଶକ୍ତିକରଣ, ଶିଶୁ ଅପହରଣ, ଓଡିଶାର କଳା ସଂସ୍କୃତି, ଜାତୀୟ ଚେତନା, ପରିବେଶ ସୁରକ୍ଷା ଆଦି ଉପରେ ସଚେତନତା ମୂଳକ ବାର୍ତ୍ତା ଦେଇ ଛାତ୍ରୀଛାତ୍ର ଏହି ଭିତ୍ତି ଚିତ୍ର ଅଙ୍କନ କରିଥିଲେ। ସକାଳ ୮ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ଶିକ୍ଷକ ଅବିନାଶ ପ୍ରଧାନ, ଶିବଶଙ୍କର ଗିରି ପ୍ରମୁଖ ପରିଚାଳନା କରିଥିବା ବେଳେ ଶ୍ରେଷ୍ଠ ୧୦ଟି ଭିତ୍ତି ଚିତ୍ରକୁ ଚୟନ କରାଯାଇ ଆସନ୍ତା ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ ବୋଲି ଜଣାଯାଇଛି।

## ସଚେତନତାମୂଳକ ଭିତ୍ତିଚିତ୍ର ପ୍ରତିଯୋଗିତା


ଛାତ୍ରୀଛାତ୍ରମାନେ ପ୍ରାଚୀରରେ ଭିତ୍ତିଚିତ୍ର ଆଙ୍କୁଛନ୍ତି।

# କ୍ଷୁଦ୍ର ଜୈବିକ ସାର ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ


କ୍ଷୁଦ୍ର ଜୈବିକ ସାର ପ୍ରକ୍ରିୟାକରଣ କେନ୍ଦ୍ର ଉଦଘାଟନ ଅବସରରେ ଉପସ୍ଥିତ ଅତିଥି।

ଯୋଡ଼ା, ୨୧।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ପକ୍ଷରୁ ବାରୁ ହଟିଂଠାରେ ମଙ୍ଗଳବାର କ୍ଷୁଦ୍ର ଜୈବିକ ସାର ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ସମ୍ମାନିତ ଅତିଥିଭାବେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ, ସହରୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ବଡ଼ବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ପୌରପାଳିକା ସ୍ୱାସ୍ଥ୍ୟ ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଢଯୋଶୀ ସଭା ପରିଚାଳନା କରିଥିଲେ। ଏହା ପୂର୍ବରୁ ପୌରପାଳିକା କାର୍ଯ୍ୟାଳୟ ନିକଟରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ପ୍ରଶିକ୍ଷଣ କେନ୍ଦ୍ର ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ତାମିଲନାଡୁ ରାଜ୍ୟ ଢାଞ୍ଚାରେ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ସହରବାସୀ ମଇଳା ଆବର୍ଜନାକୁ ଏଣେତେଣେ ନ ପକାଇ ପ୍ରତିଦିନ ପୌରଗାଡ଼ିକୁ ହସ୍ତାନ୍ତର କରନ୍ତୁ ଏବଂ ସହରକୁ ସ୍ୱଚ୍ଛ ଓ ସୁନ୍ଦରଭାବେ ଗଢିତୋଳିବାକୁ ଅତିଥିମାନେ ସହଯୋଗ କାମନା କରିଥିଲେ ।

### ସରିଲା ମକରମେଳା

କେନ୍ଦୁଝର/ଘଟଗାଁ ୨୧।୧ (ସ୍ୱ.ପ୍ର./ଡି.ଏନ.ଏ.)-କୁଣ୍ଡାପିଠା ଗଦଗଦିଘାଟ ଠାରେ ଚାଲିଥିବା ୫ ଦିନିଆ କୁଣ୍ଡେଶ୍ୱର ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୧୫ ବର୍ଷ ଧରି ଏହି ମହୋତ୍ସବ ଚାଲିଆସୁଥିବାବେଳେ ଚଳିତ ବର୍ଷ ନିଆରା ଢଙ୍ଗରେ ପାଳନ କରାଯାଇଛି । ୟୁଟିଆର ରାଜ୍ୟ ସାଧାରଣ ସଂପାଦକ ପ୍ରଣବ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଘଟଗାଁ ପଞ୍ଚାୟତ ସମିତି ଉପସଭାପତି ବଲ୍ଲଭ ଦଳେଇ, ମନୋଜ ମଞ୍ଜରୀ ଶିଶୁ ଭବନର ପ୍ରଧାନଶିକ୍ଷୟିତ୍ରୀ ସୁରଭି ଜେନା ଯୋଗଦେଇ ଶ୍ରେଷ୍ଠ ନୃତ୍ୟଶିଳ୍ପୀଙ୍କୁ ଅମରଜିତ ନୃତ୍ୟକଳା ସମ୍ମାନରେ ସମ୍ମାନିତ କରିଥିଲେ। ଉକ୍ତ ଅଞ୍ଚଳର ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

### ତାଲା ଭାଙ୍ଗି ଲୁଟିନେଲେ ଲକ୍ଷାଧିକ ଟଙ୍କା, ସୁନା ଗହଣା

ପାଟଣା,୨୧।୧(ସ୍ୱ.ପ୍ର.)-ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତୁରୁମୁଙ୍ଗା କଲେଜ ସାହିର ପ୍ରଭାକର ସାହୁଙ୍କ ଘରୁ ସୋମବାର ଅପରାହ୍ନରେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ସହ ସୁନା ଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଘରେ କେହି ନଥିବା ବେଳେ ଘରର ମୁଖ୍ୟ ଫାଟକର ତାଲା ଭାଙ୍ଗି ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ୨୦ ହଜାର ଟଙ୍କା ଲୁଟିନେଇଛନ୍ତି। ଅଭିଯୋଗ ପାଇ ତୁରୁମୁଙ୍ଗା ଥାନାଧିକାରୀ ବାରେନ୍ଦ୍ର ଶିଆଳ ତଦନ୍ତ ଜାରି ରଖିଛନ୍ତି।

# ରାସ୍ତା କାମ ପାଇଁ ବ୍ୟାପକ ଜଙ୍ଗଲ, ଚାଷଜମି ନଷ୍ଟ

କେନ୍ଦୁଝର ୨୧।୧(ସ୍ୱ.ପ୍ର.)

ବାଂଶପାଳ ବ୍ଲକ ତଳଚମ୍ପେଇ ବନ୍ଧରୁ ଉପର ରଡୁଆଁ ରାସ୍ତା ନିର୍ମାଣ ନାମରେ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଥିଲେ ହେଁ ବନ ବିଭାଗ୍ ଚୁପ ହୋଇ ବସିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଜୁଆଙ୍ଗ ଅଧ୍ୟୁଷିତ ଏହି ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ହେଉଥିବା ସ୍ଥାନୀୟ ଲୋକ କହୁଥିଲେ ହେଁ ସୂଚନା ଫଳକ ନ ଲଗାଇ କାମ ଚାଲିଥିବାରୁ କିଏ କାମ କରୁଛି ଏବଂ କେତେ ଟଙ୍କାର କାମ ଆଦି ରାସ୍ତା ନିର୍ମାଣ ସମ୍ପର୍କରେ କୌଣସି ସୂଚନା ସ୍ଥାନୀୟ ଲୋକ ଜାଣିପାରୁ ନ ଥିବା କହିଛନ୍ତି। ସେହିପରି ରାସ୍ତା ନିକଟରେ ବହୁ ସଂଖ୍ୟାରେ ମୂଲ୍ୟବାନ ଶାଳ ଓ ଅନ୍ୟ ଗଛ ମଧ୍ୟ ବିନା ଅନୁମତିରେ କଟାଯାଇଥିବାରୁ ଜଙ୍ଗଲ ସୁରକ୍ଷା କରିଆସୁଥିବା ସ୍ଥାନୀୟ ଅଧିବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଣେ ତେଣେ ମାଟି ଖୋଳାଯାଉଥିବାରୁ ଚାଷ ଜମି ଓ ଜଙ୍ଗଲ ଜମି କ୍ଷତିଗ୍ରସ୍ତ ହେବା ସହ ଏହା ଦ୍ୱାରା ବନ୍ୟପ୍ରାଣୀ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହୁଥିବାରୁ ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ସେହିପରି ବିନା ସୂଚନା ଫଳକରେ କାମ ଚାଲିଥିବାରୁ ଏନେଇ କାର୍ଯ୍ୟ ପରିଚାଳନା କରୁଥିବା ସଂସ୍ଥାର ଭୂମିକା ସନ୍ଦେହପୂର୍ଣ୍ଣ ରହିଛି । ଏଣୁ ଏନେଇ ବାଂଶପାଳ ତହସିଲ ଓ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅଫିସରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏସମ୍ପର୍କରେ ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ ଅଧିକାରୀ ମୁକ୍ତିକାନ୍ତ ପରିଡା କହିଛନ୍ତି ଯେ, ଉକ୍ତ ରାସ୍ତା ଆରଡି ବିଭାଗ ପକ୍ଷରୁ ଚାଲିଛି । ତେବେ ଜଙ୍ଗଲ କାଟିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।


ବିନା ଅନୁମତିରେ ବ୍ୟାପକ ଜଙ୍ଗଲ ନଷ୍ଟ।

# ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ପଠାଇ ଭର୍ତ୍ତୃହରି ସମ୍ମାନିତ

ପାଟଣା, ୨୧।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାସ୍ତରୀୟ ୩୧ ତମ ସଡକ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବ କେନ୍ଦୁଝର ମୁଖ୍ୟାଳୟ ସ୍ଥିତ ଉତ୍ସବ ପ୍ୟାଲେସରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ମିତ୍ରଭାନୁ ମହାପାତ୍ର ଯୋଗ ଦେଇ ପାଟଣା ବ୍ଲକ ମିରିଗିଖୋଜି ପଞ୍ଚାୟତ ଅଶନବାହାଳୀ ଗ୍ରାମର ଭର୍ତ୍ତୃହରି ମହାନ୍ତଙ୍କୁ ଗୁଡ୍ ସମରିଟାନ ପୁରସ୍କାର ପ୍ରଦାନ କରିଛନ୍ତି। ଭର୍ତ୍ତୃହରି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ମେଡିକାଲ ନେବାରେ ସହାୟତା କରିଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆରଟିଓ ନିର୍ମଳ କୁମାର ମହାନ୍ତି, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଡିଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର, ଅବସର ପ୍ରାପ୍ତ ଅଧାପକ ଡ.ବିମ୍ବାଧର ବେହେରା, ଜିଲା ସୂଚନା ଅଧିକାରୀ ସଞ୍ଜୀବ ବାରିକ ଓ ଏଆରଟିଓ ବଡ଼ବିଲ ମାନସ ରଞ୍ଜନ ସାହୁ ଉପସ୍ଥିତ ଥିଲେ।

# କେନ୍ଦୁଘାଟି ଗାଁକୁ ହୁଲି ଡଙ୍ଗା ଭରସା

ଝୁମ୍ପୁରା, ୨୧।୧ (ଡି.ଏନ.ଏ.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଫୁଲଝର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଘାଟି ଗ୍ରାମବାସୀ ବୈତରଣୀ ନଦୀରେ ପୋଲ ନିର୍ମାଣ ଦାବି କରି ପୁଣି ଥରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ବାଂଶପାଳ ବ୍ଲକରେ ଅଭିଯୋଗ ଶୁଣାଣି

## ପୋଲ ନିର୍ମାଣ ଦାବିରେ ଗ୍ରାମବାସୀ ଜିଲାପାଳଙ୍କୁ ଭେଟିଲେ

କାର୍ଯ୍ୟକ୍ରମରେ ପୋଲ ନିର୍ମାଣ ଦାବି ନେଇ କେନ୍ଦୁଘାଟି ଗ୍ରାମରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ସଦସ୍ୟା ସୁଲୋଚନା ଦେହୁରୀ, ଝିଲି ଦେହୁରୀ, ସରସ୍ୱତୀ ଗିରି ପ୍ରମୁଖ ଜିଲାପାଳଙ୍କୁ ଭେଟିଛନ୍ତି। ପୋଲ ନିର୍ମାଣ ନେଇ ବ୍ଲକ ସ୍ତରରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଯାଏଁ ବହୁବାର ଦୌଡିବା ପରେ ମଧ୍ୟ ତାଙ୍କ ସମସ୍ୟା ପ୍ରତି ଜିଲା ପ୍ରଶାସନ ଧ୍ୟାନ ଦେଉ ନ ଥିବା ମହିଳାମାନେ କହିଛନ୍ତି।

କେନ୍ଦୁଘାଟି ଗ୍ରାମ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ। ଗ୍ରାମର ଲୋକ ସଂଖ୍ୟା ୯ଶହରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ, ଭୋଟରଙ୍କ ସଂଖ୍ୟା ମଧ୍ୟ ୫ଶହରୁ ଊର୍ଦ୍ଧ୍ୱ ବୋଲି ଜଣା ପଡିଛି। ଏହି ଗ୍ରାମର ଭୌଗୋଳିକ ଦୃଷ୍ଟି କୋଣରୁ ୨ପାର୍ଶ୍ୱକୁ ଘେରିଛି ବୈତରଣୀ ଏବଂ ମଣନ୍ଦା ନଦୀ। ଅନ୍ୟପାର୍ଶ୍ୱରେ ରହିଛି ସୁବିସ୍ତୃତ ଘଞ୍ଚ ଜଙ୍ଗଲ ସାଙ୍ଗକୁ ମୟୁରନାଚୁଣୀ ପାହାଡ। ପୂର୍ବରୁ ଗ୍ରାମବାସୀଙ୍କର ଜୀବନଜୀବିକା ଦୟନୀୟ ଅବସ୍ଥାରେ ରହିଛି। ଫୁଲଝର ଗ୍ରାମ ପଞ୍ଚାୟତ ତଥା ବ୍ଲକ କିମ୍ବା ବଜାର ଜାଗାକୁ ଯିବାକୁ ହେଲେ ବୈତରଣୀ ନଦୀ ପାରି ହୋଇ ଝୁମ୍ପୁରା ବ୍ଲକ ଅନ୍ତର୍ଗତ କାଶିଆ ଗ୍ରାମକୁ ପ୍ରଥମେ ଆସିବାକୁ ପଡିଥାଏ। ଗ୍ରାମର ଅନ୍ୟପଟକୁ ରାସ୍ତା ନାହିଁ। କିନ୍ତୁ କାଶିଆ ଗ୍ରାମ ପଟକୁ ମଧ୍ୟ ସବୁଦିନିଆ ରାସ୍ତା ନ ଥିବା କହିଲେ ଅତ୍ୟୁକ୍ତି ହେବନାହିଁ। ବର୍ଷା ଦିନରେ ବୈତରଣୀ ନଦୀ ପାଣି ଫୁଲି ଉଠୁଥିବାରୁ ନଦୀ ସ୍ରୋତ କମିବା ପର୍ଯ୍ୟନ୍ତ କେନ୍ଦୁଘାଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଥାଏ। ପାଣି କମିଲେ ହୁଲି ଡଙ୍ଗାରେ ଗ୍ରାମବାସୀ ବିପଦସଙ୍କୁଳ ଯାତାୟାତ କରିଥାନ୍ତି। ବିଗତ ଦିନରେ ନଦୀ ପାଣିରେ ଭାସିଯାଇ ଆହତ ମୃତ ହୋଇଥିବା ମଧ୍ୟ ନଜିର ରହିଛି। ପିଡିଏସ ସାମଗ୍ରୀ, ବଜାର ସଉଦା ନଦୀ ପାଣିରେ ଭାସିଯିବା ଏଠାରେ ସାଧାରଣ ଘଟଣା। ବର୍ଷା ସମୟରେ ସ୍ୱାସ୍ଥ୍ୟ ସେବା ଏଠାରେ ଅପହଞ୍ଚ ହୋଇ ପଡୁଥିବାରୁ, ଗାଁ ଲୋକେ ବାଧ୍ୟ ହୋଇ ଦେଶୀ ଚିକିତ୍ସାକୁ ଆପଣେଇନେଇଛନ୍ତି। କୃଷି ସହିତ, ବନ୍ୟଜାତ ଦ୍ରବ୍ୟ ସଂଗ୍ରହ, ଶ୍ରମଜୀବୀ ଏଠାକାର ଗ୍ରାମବାସୀଙ୍କର ଜୀବନ ଜୀବିକା। ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ରହିଛି। ତେବେ ନଦୀରେ ପୋଲ ନ ଥିବାରୁ ବର୍ଷର ଅଧିକାଂଶ ସମୟ ଏହି ବିଦ୍ୟାଳୟ ବନ୍ଦ ରହୁଛି। ସେହିପରି ଅଙ୍ଗନୱାଡି କେନ୍ଦ୍ରକୁ ମଧ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚିପାରୁ ନାହିଁ। ଗ୍ରାମବାସୀ ବାରମ୍ବାର ଏନେଇ ଦାବି କରୁଥିଲେ ମଧ୍ୟ ଏଯାଏ ଦାବି ପୂରଣ ହୋଇପାରିନି। ଏସମ୍ପର୍କରେ କେନ୍ଦୁଝରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ବେଣୁଧର ଲେଙ୍କା କହିଛନ୍ତି ଯେ, ମୋ ଜାଣିବାରେ ସେଠାରେ ଏକ ଝୁଲା ପୋଲ ନିର୍ମାଣ ପାଇଁ ୧ ବର୍ଷ ଆଗରୁ ଟେଣ୍ଡର ହୋଇଥିଲା। ତେବେ ଟେଣ୍ଡରଧାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ହାଇକୋର୍ଟରେ କେଶ ଚାଲିଛି, ଏଣୁ ପୋଲ କାମ ଅଟକି ରହିଛି।


ହୁଲି ଡଙ୍ଗାରେ ବିପଦ ଶଙ୍କୁଳ ଭାବେ ପାର ହେଉଛନ୍ତି କେନ୍ଦୁଘାଟି ଗ୍ରାମବାସୀ।

# ୨୩ରେ ଜିଲାସ୍ତରୀୟ ସତ୍‌ସଙ୍ଗ

କେନ୍ଦୁଝର, ୨୧।୧ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର କାଳୀପଡିଆଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୨ତମ ଜନ୍ମ ମହୋତ୍ସବ ଉପଲକ୍ଷେ ଏକ ବିଶାଳ ଭକ୍ତ ସମ୍ମିଳନୀର ଆୟୋଜନ କରାଯାଉଛି। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ସହ ସ୍ୱାସ୍ଥ୍ୟ ସମ୍ପର୍କିତ ପଦକ୍ଷେପ ହାତକୁ ନିଆଯାଇଥିବା ଜଣାପଡିଛି। ଏନେଇ କେନ୍ଦୁଝର ଜିଲାକ୍ରୀଡା ସଂସ୍ଥାର ସଭାଗୃହରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦୁଝର ସତସଙ୍ଗର ସମ୍ପାଦକ ତଥା ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବେଣୁଧର ମୁଦୁଲି ଏ ସମ୍ପର୍କରେ ସୂଚନା ଦେଇଥିଲେ । ଆସନ୍ତା ଜାନୁୟାରୀ ୨୩ ତାରିଖରେ ଜିଲାସ୍ତରୀୟ ସତସଙ୍ଗରେ ଜିଲାର ବିଭିନ୍ନ ପ୍ରାନ୍ତରୁ ସାତ ହଜାରରୁ ଊର୍ଦ୍ଧ୍ୱ ଗୁରୁଭାଇ ଯୋଗ ଦେବେ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ "ଯୁଗ ସମସ୍ୟାର ସମାଧାନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭୂମିକା" ସମ୍ପର୍କରେ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ। ବିଭିନ୍ନ କାର୍ଯ୍ୟକ୍ରମରେ ଜିଲାର ୬ଟି ସତସଙ୍ଗ ବିହାର, ୧୩ଟି ସତସଙ୍ଗ କେନ୍ଦ୍ର ଓ ୫୨ଟି ଉପଯୋଗିତା କେନ୍ଦ୍ରର ସଦସ୍ୟମାନେ ଯୋଗଦେବେ । ସକାଳ ୮.୩୦ମିନିଟରେ ନଗରପରିକ୍ରମା ହେବା ସହ ଅତିଥିଭାବେ ପ୍ରଖ୍ୟାତ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ବିଶ୍ୱରଞ୍ଜନ ନାୟକ ଯୋଗ ଦେବେ । ଏହି ଖବରଦାତା ସମ୍ମିଳନୀରେ ସହ ପ୍ରତିନିଧି ନିରଞ୍ଜନ ମିଶ୍ର, ମହେନ୍ଦ୍ର କୁମାର ସାହୁ, ବିଶ୍ୱମ୍ଭର ନାଥ, ଅଧିଗୁରୁ ଅକ୍ଷୟ କୁମାର ସାହୁ, ସହଯୋଗୀ ସଂଗ୍ରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଜାନୁୟାରୀ ୨୨/୨୦୨୦ Balasore, Wednesday, January 22/2020

# ନଦୀରେ ବୁଡ଼ି ଶିଶୁ ମୃତ

**କୁଆମରା ,୨୧।୧(ଡ଼ି.ଏନ୍.ଏ.):** ଗୋପବନ୍ଧୁ ନଗର ବ୍ଲକ ଅଧୀନ ବରଡିହି ପଞ୍ଚାୟତର ପରିଛିପୁର ଗ୍ରାମର ଏକ ୪ ବର୍ଷର ଶିଶୁ ପୁତ୍ର ସୋନ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି।

ସୂଚନା ଅନୁସାରେ ଗ୍ରାମର କନ୍ଦା ସିଂ ଓ ତାଙ୍କର ସ୍ତ୍ରୀ ମମତା ମଙ୍ଗଳବାର ସ୍ଥାନୀୟ ଇଟା ଭାଟିକୁ କାମ କରିବାକୁ ଯାଇ ଥିବା ବେଳେ ତାଙ୍କର ୪ବର୍ଷର ଶିଶୁ ରଜତ ଘରେ ଥିଲା। ମଧ୍ୟାହ୍ନ ସମୟରେ ରଜତ ସାଙ୍ଗମାନଙ୍କ ସହ ନଦୀକୁ ଯାଇଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ କିଛି ସମୟ ଧରି ଖୋଜା ଖୋଜି କରି ନ ପାଇବାରୁ ଫେରି ଯାଇଥିଲେ। ପରେ ପରିବାର ଲୋକେ ନଦୀ ଭିତରୁ ମୃତ ଅବସ୍ଥାରେ ରଜତଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କୁଶଳଦା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୦) ରୁଜୁ କରିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଫାଣ୍ଡି ଅଧିକାରୀ ଏନ. ଦାଶ କହିଛନ୍ତି।

# ଫାର୍ମ ହାଉସ୍‌ରେ ନିଆଁ ଲଗାଇଲେ ଦୁର୍ବୃତ୍ତ: ଶହେରୁ ଊର୍ଦ୍ଧ୍ୱ ଛେଳି ଜଳିଗଲେ

**ସଜନାଗଡ଼, ୨୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ଏକ ଫାର୍ମ ହାଉସ୍‌ରେ ନିଆଁ ଲାଗି ଶହେରୁ ଊର୍ଦ୍ଧ୍ୱ ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଦେଖିବାକୁ ମିଳିଛି। ଆକ୍ରୋଶମୂଳକ ଭାବେ କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ନୀଳଗିରି ଥାନାରେ ଅଭିଯୋଗ ହୋଇଛି।

ନୀଳଗିରି ଥାନା କାଣ୍ଡଗରଡ଼ି ପଞ୍ଚାୟତ ସିକିଡ଼ିଆ ଗ୍ରାମର ବେଣୁଧର ଗେଡ଼ିଙ୍କ ଛେଳି ଫାର୍ମ ହାଉସ୍‌ରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେଇଥିଲେ। ଫଳରେ ସେଠାରେ ଥିବା ୧୦୦ରୁ ଊର୍ଦ୍ଧ୍ୱ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏନେଇ ବେଣୁଧର ନୀଳଗିରି ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଯେ, ବେଣୁଧର ବ୍ୟାଙ୍କ ଋଣ କରି ଏହି ଛେଳି ଫାର୍ମ ହାଉସ୍ କରିଥିଲେ। ମାତ୍ର ଏପରି ଅଘଟଣ ପରେ ସେ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି।

# ଉଦାହରଣ ପାଲଟିଲେ କାର୍ତ୍ତିକ

**ଭଦ୍ରକ ଅଫିସ, ୨୧।୧**

## ବକେୟା ବିଦ୍ୟୁତ ବିଲ୍ ପଇଠ ପରେ ସମ୍ବର୍ଦ୍ଧନା


କାର୍ତ୍ତିକ ନାଥଙ୍କୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ବକେୟା ବିଦ୍ୟୁତ୍ ବିଲ ପଇଠ କରି ଭଦ୍ରକ ଅଞ୍ଚଳର ଜଣେ ଭିକ୍ଷୁକ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ତାଙ୍କର ଏହି ପ୍ରୟାସକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସ୍ୱାଗତ କରାଯିବା ସହ ମଙ୍ଗଳବାର ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟୁତ୍ ବିଭାଗର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଥିଲା ବାଲା ଲୋକେ ନିଜର ବକେୟା ବିଦ୍ୟୁତ୍ ବିଲ ଠିକ ସମୟରେ ଦେଉ ନ ଥିବା ବେଳେ ଭିକ୍ଷା ବୃତ୍ତି କରୁଥିବା ଭଦ୍ରକ ସହର ନିକଟସ୍ଥ ଉତ୍ତରବାହିନୀ ସରିପୁର ଗ୍ରାମର କାର୍ତ୍ତିକ ନାଥ ବକେୟା ବିଦ୍ୟୁତ ବିଲ ପଇଠ କରି ଚର୍ଚ୍ଚାକୁ ଆସିଛନ୍ତି।

ଭିକ୍ଷା ବୃତ୍ତି କରି କାର୍ତ୍ତିକ ତାଙ୍କ ୮ ଜଣିଆ ପରିବାରର ପ୍ରତିପୋଷଣ କରିଥାନ୍ତି। ନିଜ ପାଖରେ କେତେବେଳେ ଖାଇବାକୁ ଥାଏ ତ କେତେବେଳେ ନ ଥାଏ। କିନ୍ତୁ ସେଥିରେ ବି ସେ ଭାରି ସ୍ୱାଭିମାନୀ। ନିୟମକୁ ମାନିବା ତାଙ୍କ ସ୍ୱାଭିମାନର ପରିଚୟ। ସେଥିଲାଗି ସେ ବକେୟା ବିଲ ପଇଠ କଲାବେଳେ ତିଳେ ହେଁ ଭାବିନାହାନ୍ତି ଯେ, ତାଙ୍କ ପାଖରେ ଆଉ ଚଳିବାକୁ ପଇସା ଅଛି କି ନାହିଁ। ବିଦ୍ୟୁତ କଟିଯିବା ଭୟରେ ନିଜ କୁଟୁମ୍ବଙ୍କୁ ଭୋକରେ ରଖି ବକେୟା ବିଲ ୨ ହଜାର ଟଙ୍କା ନେସ୍କୋ କାର୍ଯ୍ୟାଳୟରେ ପହଞ୍ଚି ପଇଠ କରିଥିଲେ। ତାଙ୍କର ଏଭଳି ପଦକ୍ଷେପକୁ ନେସ୍କୋ କର୍ମଚାରୀ ସ୍ୱାଗତ କରାଯାଇଥିଲା। ଏଥିସହିତ ବିଦ୍ୟୁତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ଜେନା, ସିଓଓ ଶ୍ୟାମସୁନ୍ଦର ନାୟକ,ଏସ୍‌ଡିଓ-୧,ଏସ୍‌ଡିଓ-୨ଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କାର୍ତ୍ତିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ତ୍ତମାନ ରାଜ୍ୟରେ ବିଦ୍ୟୁତ ବିଭାଗ ପକ୍ଷରୁ ବକେୟା ବିଲ ଆଦାୟ ପାଇଁ ଜୋର ଦାର ଚଢ଼ାଉ ଆରମ୍ଭ ହୋଇଛି। ତେବେ କାର୍ତ୍ତିକଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଘଟଣା ଅନ୍ୟମାନଙ୍କୁ ବକେୟା ବିଦ୍ୟୁତ୍ ଦେୟ ପୈଠ କରିବାରେ ପ୍ରୋତ୍ସାହିତ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ୫ବର୍ଷର ଶିଶୁକୁ ଛାଡ଼ି ମହିଳା ଫେରାର

## ୨ ମାସ ପରେ ଉଦ୍ଧାର କଲା ଚାଇଲ୍ଡଲାଇନ

**ଜଳେଶ୍ୱର,୨୧।୧(ସ୍ୱ.ପ୍ର.):** ଜଳେଶ୍ୱର ଥାନା ଅନ୍ତର୍ଗତ ମହିଷାମୁଣ୍ଡା ଗ୍ରାମରୁ ଏକ ୫ବର୍ଷର ଶିଶୁକୁ ଜିଲା ଚାଇଲ୍ଡ ଲାଇନ୍ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲା। ସୋମବାର ସନ୍ଧ୍ୟାରେ ତାଙ୍କୁ ସୋରସ୍ଥିତ ପୁରୁବାଇ କନ୍ୟାଶ୍ରମକୁ ପଠାଇ ଦିଆଯାଇଛି।

ଚମାରଗାଁ ପଞ୍ଚାୟତର ଚାଫଲା ଗ୍ରାମର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ବେସାହାରା ହୋଇପଡ଼ିଥିଲେ। ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେ ନିଜର ୫ବର୍ଷର ଝିଅକୁ ଧରି ଜଳେଶ୍ୱରର ବିଭିନ୍ନ ସ୍ଥାନ ବୁଲିଥିଲେ। ଶେଷରେ ଗତ ନଭେମ୍ବରରେ ୬୦ନଂ. ଜାତୀୟ ରାଜପଥରେ ନିଜ ଝିଅକୁ ନନ୍ଦିକା ନିକଟରେ ଛାଡ଼ି ଅନ୍ୟଜଣେ ବ୍ୟକ୍ତିଙ୍କ ସହିତ ଫେରାର ହୋଇଯାଇଥିଲେ। ସେଠାରେ ଦୀର୍ଘ ସମୟ ଧରି ଝିଅଟି କାନ୍ଦୁଥିବା ବେଳେ ଗୋପୀମୋହନପୁର ପଞ୍ଚାୟତର ମହିଷାମୁଣ୍ଡା ଗାଁର ଜଣେ ବ୍ୟକ୍ତି ତାଙ୍କୁ ନେଇଯାଇ ଘରେ ରଖିଥିଲେ। ସେ ତାଙ୍କ ଘରେ ବିଭିନ୍ନ କାମରେ ନିୟୋଜିତ କରୁଥିବା ଜାଣି ନିକଟସ୍ଥ ସରସିଦା ଗ୍ରାମରେ ଥିବା ଆନନ୍ଦାୟନ କନ୍ୟାଶ୍ରମର ସମ୍ପାଦିକା କାଞ୍ଚନବାଳା ପରିଡ଼ା ତାଙ୍କୁ ନେବା ପାଇଁ ନିବେଦନ କରିଥିଲେ। ମାତ୍ର ସେଥିରେ ସେ ଅମଙ୍ଗ ହେବାରୁ ଜଳେଶ୍ୱର ପୋଲିସର ଆଶ୍ରୟ ନିଆଯାଇଥିଲା। ମାତ୍ର ସେଥିରେ ବିଫଳ ହେବାରୁ କନ୍ୟାଶ୍ରମର ସମ୍ପାଦିକା ଚାଇଲ୍ଡଲାଇନ୍‌କୁ ଜଣାଇବା ପରେ ରବିବାର ସନ୍ଧ୍ୟାରେ ବାଲେଶ୍ୱର ଚାଇଲ୍ଡଲାଇନ ନିର୍ଦ୍ଦେଶରେ ବାଲିଆପାଳ ଚାଇଲ୍ଡଲାଇନର କ୍ରିଷ୍ଣା ଅଣ୍ଡିଆ ଜଳେଶ୍ୱର ପୋଲିସ ସହାୟତାରେ ଝିଅକୁ ଉଦ୍ଧାର କରିଥିଲେ। ସୋମବାର ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଭାଗିରଥି ବାରିକ, ସଭ୍ୟ ଗଣେଶ୍ୱର ରାଉତ, ଆଶିଷ ଘୋଷ, ପଦ୍ମଲୋଚନ ଦତ୍ତ ଓ ଗୌରରାଣୀ ଉପାଧ୍ୟାୟ ପ୍ରମୁଖଙ୍କ ନିକଟରେ ହାଜର କରାଯାଇଥିଲା। ପରେ ଶିଶୁକୁ ସୋର ପୁରୁବାଇସ୍ଥିତ କନ୍ୟାଶ୍ରମକୁ ପଠାଇ ଦିଆଯାଇଛି।


ବିପନ୍ନ ପରିବାରକୁ ପୂର୍ବତନ ବିଧାୟକ ସହାୟତା ପ୍ରଦାନ କରୁଛନ୍ତି।

# ଜଳିଗଲା ୩ ବଖରା

**ବଡ଼ସାହି,୨୧।୧(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ସୁହାଗପୁର ପଞ୍ଚାୟତ ଗଜଡିହୀ ଗ୍ରାମର ଖଗେଶ୍ୱର ବିନ୍ଧାଣୀଙ୍କ ଘରେ ନିଆଁ ଲାଗି ୩ ବଖରା ପୋଡି ପାଉଁଶ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଘରେ ନିଆଁ ଲାଗିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ ହେଁ ଘରର ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଲୁଗାପଟା ଓ ଦରକାରୀ କାଗଜପତ୍ର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଖବରପାଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ପହଞ୍ଚି ବିପନ୍ନ ପରିବାରକୁ ଦୁଇ ହଜାର ଟଙ୍କା ପ୍ରଦାନ କରିଛନ୍ତି। ନିଆଁ ଲାଗିବା କାରଣ ଜଣାପଡ଼ିନଥିଲେ ହେଁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡିଯାଇଛି। ରାଜସ୍ୱ ନିରୀକ୍ଷକ ଘଟଣାର ତଦନ୍ତ କରିବା ସହ ବିପନ୍ନ ପରିବାରକୁ ଏକ ପଲିଥିନ ଯୋଗାଇ ଦେଇଛନ୍ତି।

# ବାଲି ପରିବହନକୁ ବିରୋଧ କରି ରାସ୍ତାରୋକୋ

**ଜଳେଶ୍ୱର,୨୧।୧(ସ୍ୱ.ପ୍ର.)**

ସୁବର୍ଣ୍ଣରେଖା ନଦୀ ଉପରେ ନବନିର୍ମିତ ଶିଖରପୁର ସେତୁ ନିର୍ମାଣ କାର୍ଯ୍ୟ ଶେଷ ପରେ ବାଲି ମାଫିଆମାନେ ଭାରିଯାନରେ ବାଲି ପରିବହନ କରିଆସୁଛନ୍ତି। ଶିଖରପୁର ସେତୁ ଉପରେ ୧୦ଟନ୍‌ରୁ ଅଧିକ ଭାରିଯାନ ଚଳାଚଳ ନିଷେଧ ଥିବା ବେଳେ ୨୦ଟନ୍‌ରୁ ଊର୍ଦ୍ଧ୍ୱ ଓଜନର ଭାରିଯାନ ଚଳାଚଳକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମାତ୍ର ସ୍ଥାନୀୟ କେତେକ ବାଲି ମାଫିଆ ନଦୀରୁ ବାଲି ଉତ୍ତୋଳନ କରି ଠୁଳ କରି ରଖିବା ସହ ସମୟ ଦେଖି ଚଢାଦରରେ ବାଲି ବିକ୍ରି କରୁଛନ୍ତି। ଗତ କିଛିସପ୍ତାହ ତଳେ ସ୍ଥାନୀୟ ବାସିନ୍ଦା ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ଡମ୍ପରରେ ବାଲି ପରିବହନ ପ୍ରାୟ ୧ମାସ ଧରି ବନ୍ଦ ଥିଲା। ତେବେ ସୋମବାର ବାଲିମାଫିଆମାନେ ୪୦ରୁ ଅଧିକ ଡମ୍ପର ନେଇ ବାଲି ଲୋଡ଼ିଂ କରୁଥିବା ବେଳେ ଖବରପାଇ ରାଜପୁର ସରପଞ୍ଚ ଦିଲୀପ ପରିଡ଼ା, ସମିତିସଭ୍ୟ ମଧୁସୂଦନ ଦାସ, ସୁବଳ, କୁମାର ପାତ୍ର, ବିଷ୍ଣୁ ପ୍ରସାଦ ପିତଳ, ଝାଡେଶ୍ୱର ପାଳ, ନୀଳକଣ୍ଠ ଦାସ, ପୁଷ୍ପା ପ୍ରଧାନ, ମାନନୀ କୁଣ୍ଡ, ମାଧବ ଦାସ, ବାସନ୍ତୀ ଗିରି, ଲିଲିମା ମଣ୍ଡଳ, ପୁଷ୍ପଲତା ମଣ୍ଡଳ, କନକଲତା ବେହେରା ଓ ଆଶାଲତା ଦାସ ପ୍ରମୁଖ ସେଠାରେ ପହଞ୍ଚି ବିରୋଧ କରି ରାସ୍ତାରୋକୋ କରିଥିଲେ। ଖବରପାଇ ଘଟଣାସ୍ଥଳରେ ଜଳେଶ୍ୱର ତହସିଲଦାର ଓ ପୋଲିସ୍ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।




# ଗଛରେ ପିଟିହେଲା ସ୍କୁଟି, ଜଣେ ମୃତ

**କେନ୍ଦୁଝର, ୨୧।୧(ସ୍ୱ.ପ୍ର.):** ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଗେହ୍ଲାଚାପଲ ଗ୍ରାମ ନିକଟରେ ସ୍କୁଟି ଦୁର୍ଘଟଣାରେ ମଙ୍ଗଳ ମୁଣ୍ଡା ନାମକ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକଙ୍କ ଘର ବଣିଟାଙ୍ଗର ଗ୍ରାମରେ।

୩ଜଣ ଯୁବକ ସ୍କୁଟିରେ ସୁନାପେଣ୍ଠ ସାପ୍ତାହିକ ହାଟରୁ କାମ ସାରି ଫେରିବା ବେଳେ ଏକ ଗଛରେ ପିଟି ହୋଇଯାଇଥିଲେ। ଅଗ୍ନିଶମ ବାହିନୀ ସମସ୍ତଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅନ୍ୟ ଦୁଇଜଣଙ୍କ ପରିଚୟ ମିଳିପାରିନାହିଁ। ଦୈତାରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ: ଜିଆରପି ପହଞ୍ଚିବା ପୂର୍ବରୁ ଶବ ନେଇଗଲେ ସମ୍ପର୍କୀୟ

**ବସ୍ତା,୨୧।୧(ଡି.ଏନ.ଏ.):** ରୂପ୍‌ସା-ହଳଦୀପଦା ରେଳଷ୍ଟେଶନ ମଧ୍ୟରେ ମଙ୍ଗଳବାର ମଧ୍ୟାହ୍ନରେ ଜଣେ ବୃଦ୍ଧ ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରିଥିଲେ। ଖବର ପାଇ ବାଲେଶ୍ୱର ଜିଆରପି ସେଠାରେ ପହଞ୍ଚିବା ବେଳକୁ ମୃତଦେହକୁସମ୍ପର୍କୀୟମାନେନେଇଯାଇଥିବାଜଣାପଡ଼ିଛି।

ଖବର ଅନୁଯାୟୀ ନୂଆଦିଲ୍ଲୀରୁ ପୁରୀ ଅଭିମୁଖେ ଆସୁଥିବା ନୀଳାଚଳ ଏକ୍ସପ୍ରେସରେ ରୂପ୍‌ସା-ହଳଦୀପଦା ମଧ୍ୟରେ ଜଣେ ବୃଦ୍ଧ ଟ୍ରେନରେ କଟିଯାଇଥିଲେ। ଏନେଇ ବାଲେଶ୍ୱର ଜିଆରପି ଖବରପାଇ ଆମ୍ବୁଲାନ୍ସ ଓ ସୁଇପର ସେଠାରେ ପହଞ୍ଚିବା ବେଳକୁ ମୃତଦେହ ନ ଥିଲା। ତେବେ ଦୁର୍ଘଟଣା ପରେ ମୃତଦେହକୁ ତାଙ୍କ ସମ୍ପର୍କୀୟ ଲୋକ ନେଇଯାଇଥିବା ଜିଆର୍‌ପି ଅନୁମାନ କରିଛି। ତେବେ ମୃତକଙ୍କର କୌଣସି ପରିଚୟ ଓ ଠିକଣା ଜିଆରପିକୁ ମିଳିପାରି ନ ଥିବା କୁହାଯାଇଛି।

# ଏଟିଏମ୍ କାର୍ଡ ବଦଳ କରି ୭୯ହଜାର ହଡ଼ପ

**ଜଳେଶ୍ୱର,୨୧।୧(ସ୍ୱ.ପ୍ର.)**

ଜଳେଶ୍ୱର ବ୍ଲକ ବଜାରଠାରେ ଥିବା ଆଇଡିବିଆଇ ଏଟିଏମ୍ କାଉଣ୍ଟରରୁ କାଳିକ ପଞ୍ଚାୟତର ଝାଡେଶ୍ୱର ସାନ୍କି ଗତ ଡିସେମ୍ବର ୯ ତାରିଖରେ ଟଙ୍କା ଉଠାଣ ପାଇଁ ଯାଇଥିଲେ । ସେଠାରେ ଉପସ୍ଥିତ ଥିବା ଜଣେ ଯୁବକ ତାଙ୍କ ଟଙ୍କା ଉଠାଣ କାର୍ଯ୍ୟରେ ସହଯୋଗ କରିଥିଲେ। କୌଶଳକ୍ରମେ ସେ ତାଙ୍କର ଏଟିଏମ୍ କାର୍ଡ଼କୁ ବଦଳ କରି ଦେଇଥିଲେ। ସେହିଦିନ ସମ୍ପୃକ୍ତ ଯୁବକ ୩୯ହଜାର ଟଙ୍କା ଉଠାଣ କରିଥିଲେ। ପରବର୍ତ୍ତୀ ସମୟରେ ଝାଡ଼େଶ୍ୱର ଗତ ରବିବାର ସେହି ଏଟିଏମ୍‌କୁ ଟଙ୍କା ଉଠାଣ କରିବାକୁ ଯାଇ ସେଠାରେ ଆଉ ୪୦ହଜାର ଟଙ୍କା ଉଠାଣ ହୋଇଛି ବୋଲି ଜାଣିବାକୁ ପାଇଥିଲେ। ତେଣୁ ତାଙ୍କର ସର୍ବମୋଟ ୭୯ ହଜାର ଟଙ୍କା ହଡପ ହୋଇଛି ବୋଲି ଜଳେଶ୍ୱର ଥାନାରେ ଏକ ଲିଖିତ ମାମଲା (ନଂ. ୨୯/୨୦୨୦) ରୁଜୁ କରାଯାଇ ତଦନ୍ତ ଚାଲିଛି।

# କୁହୁଡ଼ି ଯୋଗୁ ହାଇୱା-ଟ୍ରକ୍ ମୁହାଁମୁହିଁ

**କେନ୍ଦୁଝର,୨୧।୧ (ସ୍ୱ.ପ୍ର.)**

କେନ୍ଦୁଝର ଟାଉନ ଥାନା ଘୁଟୁରୁ ଗ୍ରାମ ନିକଟସ୍ଥ ରବିନ୍ଦ୍ର ବିଦ୍ୟା ନିକେତନ ସମ୍ମୁଖରେ ମଙ୍ଗଳବାର ଏକ ହାଇୱା-ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଏନ ଏଚ ୪୯ ରେ ଘନ କୁହୁଡ଼ି ଯୋଗୁ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ